ଅଜନ୍ତା

2

# ଆମ ଭାଷା ଆମ ସାହିତ୍ୟ

## ୨

ସ୍ମିତା ଦାସ (B.Sc., B.Ed.)
ରାଜ୍ୟ ପୁରସ୍କାର ପ୍ରାପ୍ତ
ରୀତା ରାଣୀ ମିଶ୍ର (M.A., B.Ed.)



ଅଜନ୍ତା ପବ୍ଲିକେଶନସ୍

ଏସ୍-୪୧୭, ଗ୍ରେଟର କୈଲାଶ-୧
ନୂଆଦିଲ୍ଲୀ-୧୧୦୦୪୮
ଫୋନ୍: ୦୧୧-୨୩୨୩୪୭୪୯

୧୬୪୮, ହିମ୍ମତଗଡ଼, ବଜାର ସୀତାରାମ,
ଆସଫ୍ ଅଲୀ ରୋଡ଼, ଦିଲ୍ଲୀ-୧୧୦୦୦୬
ଫୋନ: ୦୧୧-୨୩୨୩୪୭୪୯, ୪୩୦୮୧୯୭୭

Website: ajantapublications.com

© ଅଜନ୍ତା ପବ୍ଲିକେଶନସ୍

# ସୂଚୀପତ୍ର


| କ୍ର.ନଂ. | ବିଷୟ | ପୃଷ୍ଠା |
| --- | --- | --- |
| ୧. | ପର ଦରବକୁ ମନ ନ କର | ୩ |
| ୨. | ଦୁଇ ସାଙ୍ଗ ଓ ମାଙ୍କଡ | ୫ |
| ୩. | ଆଗରୁ ଆମେ କ'ଣ ଶିଖିଛେ | ୬ |
| ୪. | ଏବେ ଆମେ କ'ଣ ଶିଖିବା | ୭ |
| ୫. | ପାଠ-୧ - ଞ୍ଚ, ଞ୍ଛ | ୮ |
| ୬. | ପାଠ-୨ - ଞ୍ଜ, ଞ୍ଝ | ୧୧ |
| ୭. | ପାଠ-୩ - ଣ୍ଟ, ଣ୍ଠ | ୧୩ |
| ୮. | ପାଠ-୪ - ଣ୍ଡ, ଣ୍ଢ | ୧୫ |
| ୯. | ପାଠ-୫ - ଭଣ୍ଡବାବାଜୀ | ୧୮ |
| ୧୦. | ପାଠ-୬ - ନ୍ତ, ନ୍ଥ | ୧୯ |
| ୧୧. | ପାଠ-୭ - ନ୍ଦ, ନ୍ଧ | ୨୨ |
| ୧୨. | ପାଠ-୮ - ମ୍ପ, ମ୍ଫ | ୨୬ |
| ୧୩. | ପାଠ-୯ - ମ୍ବ, ମ୍ଭ | ୨୯ |
| ୧୪. | ପାଠ-୧୦ - କ୍କ, କ୍ଟ | ୩୨ |
| ୧୫. | ପାଠ-୧୧ - କ୍ତ, କ୍ସ | ୩୪ |
| ୧୬. | ପାଠ-୧୨ - ଗ୍ଧ, ଗ୍ଭ | ୩୭ |
| ୧୭. | ପାଠ-୧୩ - ଚ୍ଚ, ଚ୍ଛ | ୩୯ |
| ୧୮. | ପାଠ-୧୪ - ଜ୍ଜ, ଜ୍ଝ | ୪୨ |
| ୧୯. | ପାଠ-୧୫ - ଜ୍ଞ, ଟ୍ଟ | ୪୪ |
| ୨୦. | ପାଠ-୧୬ - ତ୍ସ, ତ୍ତ | ୪୭ |
| ୨୧. | ପାଠ-୧୭ - ତ୍ଥ, ତ୍ମ | ୫୦ |
| ୨୨. | ପାଠ-୧୮ - ଦ୍ଗ, ଦ୍ଦ | ୫୩ |
| ୨୩. | ପାଠ-୧୯ - ଦ୍ଘ, ଦ୍ଭ | ୫୫ |
| ୨୪. | ପାଠ-୨୦ - ଦ୍ଧ, ଦ୍ଧ | ୫୭ |
| ୨୫. | ପାଠ-୨୧ - ଦ୍ୱ, ଦ୍ୟ | ୬୦ |
| ୨୬. | ପାଠ-୨୨ - ପ୍ତ, ପ୍ପ | ୬୨ |
| ୨୭. | ପାଠ-୨୩ - ପ୍ସ, ପ୍ଲ | ୬୫ |
| ୨୮. | ପାଠ-୨୪ - ବ୍ଦ, ବ୍ଧ, ବ୍ଲ | ୬୭ |
| ୨୯. | ପାଠ-୨୫ - ଲ୍କ, ଲ୍ପ, ଲ୍ଟ, ଲ୍ମ, ଲ୍ଲ, ଲ୍ବ | ୬୯ |
| ୩୦. | ପାଠ-୨୬ - ଶ୍ଚ, ଶ୍ଛ | ୭୧ |
| ୩୧. | ପାଠ-୨୭ - ଷ୍କ, ଷ୍ଟ, ଷ୍ଠ | ୭୩ |
| ୩୨. | ପାଠ-୨୮ - ଷ୍ପ, ଷ୍ଫ, ଷ୍ଣ, ଷ୍ମ | ୭୬ |
| ୩୩. | ପାଠ-୨୯ - ସ୍କ, ସ୍ଖ | ୭୯ |
| ୩୪. | ପାଠ-୩୦ - ସ୍ତ, ସ୍ଥ | ୮୧ |
| ୩୫. | ପାଠ-୩୧ - ସ୍ପ, ସ୍ଫ | ୮୪ |
| ୩୬. | ଯୁଧିଷ୍ଠିରଙ୍କ ମାନବିକତା | ୮୬ |
| ୩୭. | ଅଧିକ ଯୁକ୍ତାକ୍ଷର ଜାଣିବା | ୮୮ |


Design by: Vishal Art

# ପର ଦରବକୁ ମନ ନକର

ପବନ ବହୁଛି ସାଇଁ ସାଇଁ
ଟୁଆଁ ଟୁଇଁ ଗଲେ କାଠ ପାଇଁ
ବଣରେ ଭେଟିଲେ ସିଂହ,
ଆଖି ତରାଟି ମାଉଁସ ଖାଉଛି
ଏତେ ବଡ ତା'ର ମୁହଁ ।





ସିଂହ ପଚାରିଲା କିଏରେ ତୁହି
କଅଁଳ ମାଉଁସ ଖାଉଛି ମୁହିଁ
କେଡେ ତୋର ଦୁଃସାହସ,
ଗାଁ ଘର ଛାଡି ବଣକୁ ଧାଉଁଛୁ
ନେବାକୁ କାଠ ବାଉଁଶ ।

ଟୁଆଁ କହିଲା ହେ ସିଂହରାଜା
ଆଜି ପରା ଆମେ କରିବୁ ପୂଜା
ଦୁଃସମୟ ଦୂର ପାଇଁ,
ରୋଷେଇ ପାଇଁକି କାଠ ଓ ବାଉଁଶ
ଦରକାର କିବା ନାହିଁ ?



ସିଂହ ହସିଦେଲା ହାଃ ! ହାଃ ! ହାଃ !
କହିଲା ଟୁଆଁରେ ବାଃ ! ବାଃ ! ବାଃ !
ବହୁତ ତ ତୋର ସାହସ,
ପିଠାପଣା କର ମନା ନାହିଁ ମୋର
କଂସାଏ ଦେବ ମୋ ଅଂଶ ।

ବ୍ୟାଘ୍ର ମାମୁଁ ଶୁଣୁଥିଲା ସବୁ ସନ୍ନିକଟେ
ଭାବିଲା ଖାଇବ ପିଠା ପଣାକୁ
ଯୋଜନା କରିଲା ବସି,
ସିଂହ ଆଗୁ ଯାଇ ସବୁ ଖାଦ୍ୟ ନେଇ
କୌଶଳେ ଯିବି ମୁଁ ଖସି ।





ଘରକୁ ଫେରିଲେ ଟୁଆଁ ଟୁଇଁ
ଗାଁରେ ଏସବୁ କହିଲେ ଯାଇ
ଗାଁ ଲୋକ କଲେ ମେଳି,
ସିଂହ ଯଦି ଆସେ ଜାଲରେ ପକାଇ
କରିଦେବା ଦଳା ଦଳି ।

ଦିନ ସରିଗଲା ରାତ୍ରି ଆସିଗଲା
ମୁହଁକୁ ମୁହଁ ଆଉ ନ ଦିଶିଲା
ଲୁଚି ଲୁଚି ବାଘ ଆସି,
କଂସାରେ ଥିବା ପିଠା ଖାଉ ଖାଉ
ଜାଲରେ ଗଲା ସେ ଫସି ।



ଗାଁ ଲୋକ ଧରି ଛେଚିଲେ ତାକୁ
ବାଟ ଆଉ ନାହିଁ ଫିଟି ଯିବାକୁ
ମନେ ମନେ ଭାବୁଥିଲା,
ପରିଶ୍ରମ ନ କରି ପରଦରବକୁ ମନକରି
ଏହି ଦଶା ମୋର ହେଲା ।

# ଦୁଇ ସାଙ୍ଗ ଓ ମାଙ୍କଡ

ଦୁଇଟି ବିଲେଇ ଛୁଆ ଗାଁ ଭିତରେ ବୁଲୁ ବୁଲୁ ଜଣଙ୍କ ରୋଷେଇଘରୁ ଏକ ଚକୁଳି ପିଠା ପାଇଲେ । ତାକୁ ଧରି ଦୁଇ ସାଙ୍ଗ ଗାଁ ଶେଷରେ ଥିବା ବରଗଛ ମୂଳକୁ ଗଲେ । ତାଙ୍କ ଭିତରୁ ଜଣେ କହିଲା, ମୁଁ ଭାଗ କରୁଛି । ଦୁହେଁ ଖାଇବା । ଅନ୍ୟ ଜଣକ ଏଥିରେ ରାଜିହେଲା । ପ୍ରଥମ ଜଣକ ପିଠାକୁ ଭାଗ କଲା । ଦ୍ୱିତୀୟ ଜଣକୁ ଲାଗିଲା ଯେ ତା ପାଖକୁ ଛୋଟ ଭାଗଟି ଆସିଛି । ତେଣୁ ସେ କହିଲା, ସାଙ୍ଗ ତୁମେ ବଡ ଭାଗଟି ନେଇ ମୋତେ



ଛୋଟଟି ଦେଇଛ । ଆଣ ମୁଁ ସମାନ ଭାଗ କରିଦେବି । ପୁଣି ଭାଗ କରୁ କରୁ ବଡ ସାନ ହୋଇଗଲା । ଏହା ପରେ ଦୁଇ ସାଙ୍ଗ ଭିତରେ ଝଗଡା ଓ ଟଣାଟଣି ଚାଲିଲା ।

ଏହି ଦୁଇଜଣଙ୍କ ଝଗଡା ଝଙ୍କାଳିଆ ଡାଳ ଉପରେ ବସି ଗୋଟିଏ ମାଙ୍କଡ ଦେଖୁଥିଲା । ସେ ଭାବିଲା, ଏହାହିଁ ଉଚିତ୍ ସମୟ । ସେ ଫଙ୍କ୍‌କିନା ତଳକୁ ଡେଇଁପଡିଲା । ସେମାନଙ୍କ ପାଖକୁ ଆସି କହିଲା, ମୋତେ ଦିଅ । ମୁଁ ସମାନ ଭାବରେ ଭାଗ କରିଦେବି । ଦୁଇ ସାଙ୍ଗ ଜଣେ ଅପରିଚିତକୁ ବିଶ୍ୱାସ କରି ପିଠା ଫାଳଗୁଡ଼ିକୁ ମାଙ୍କଡ ଆଡେ ବଢାଇଦେଲେ । ମାଙ୍କଡ ଏକ ଚାଲାକ୍ ପଶୁ । ସେ ଅତି ସତର୍କତାର ସହ ପିଠା ଭାଗ ବଡ ହୋଇଗଲା କହି ପ୍ରତି ଭାଗରୁ ଟିକିଏ ଟିକିଏ କରି ଖାଇ ଚାଲିଲା । ଶେଷରେ ସମଗ୍ର ପିଠା ଫାଳଗୁଡିକୁ ଖାଇଦେଇ ଗଛ ଉପରକୁ ଡେଇଁ ଚାଲିଗଲା । ଦୁଇ ସାଙ୍ଗ ଚକିତ ହୋଇ ଚାହିଁ ରହିଲେ ।

ଦୁଇ ସାଙ୍ଗଙ୍କ ମୁର୍ଖାମୀ ଓ କଳି ଭିତରେ ତୃତୀୟ ଜଣକ ଲାଭ ଉଠାଇ ଚାଲିଗଲା । ତେଣୁ ନିଜ ଲୋକକୁ ସର୍ବଦା ଭରସା କରିବା ଉଚିତ ଓ ଅପରିଚିତ ଲୋକକୁ ପ୍ରଶୟ ଦେବା କ୍ଷତିକାରକ ।

# ଆଗରୁ ଆମେ କ'ଣ ଶିଖିଛେ

| | | | |
|---|---|---|---|
| ୧. | 'ଆ' କାର | - | କ୍ + ଆ = କା |
| ୨. | 'ଇ' କାର | - | କ୍ + ଇ = କି |
| ୩. | 'ଈ' କାର | - | କ୍ + ଈ = କୀ |
| ୪. | 'ଉ' କାର | - | କ୍ + ଉ = କୁ |
| ୫. | 'ଊ' କାର | - | କ୍ + ଊ = କୂ |
| ୬. | 'ଋ' କାର | - | କ୍ + ଋ = କୃ |
| ୭. | 'ଏ' କାର | - | କ୍ + ଏ = କେ |
| ୮. | 'ଐ' କାର | - | କ୍ + ଐ = କୈ |
| ୯. | 'ଓ' କାର | - | କ୍ + ଓ = କୋ |
| ୧୦. | 'ଔ' କାର | - | କ୍ + ଔ = କୌ |
| ୧୧. | 'ଂ' ଅନୁସ୍ୱାର | - | କ୍ + ଂ = କଂ |
| ୧୨. | 'ଃ' ବିସର୍ଗ | - | କ୍ + ଃ = କଃ |
| ୧୩. | 'ଁ' ଚନ୍ଦ୍ରବିନ୍ଦୁ | - | କ୍ + ଁ = କଁ |
| ୧୪. | 'ଓ୍ୱ' ଅକ୍ଷର ଶିକ୍ଷା | - | ଓ୍ୱ |
| ୧୫. | 'ୟ' ଯ ଫଳା | - | କ୍ + ୟ = କ୍ୟ |
| ୧୬. | '୍' ହଳନ୍ତ | - | କ + ୍ = କ୍ |
| ୧୭. | '୍ର' ର ଫଳା | - | କ୍ + ର = କ୍ର |
| ୧୮. | '୍ଳ' ଳ ଫଳା | - | କ୍ + ଳ = କ୍ଳ |
| ୧୯. | '୍ଲ' ଲ ଫଳା | - | କ୍ + ଲ = କ୍ଲ |
| ୨୦. | '୍ୱ' ବ ଫଳା | - | କ୍ + ବ = କ୍ୱ |
| ୨୧. | '୍ନ' ନ ଫଳା | - | କ୍ + ନ = କ୍ନ |
| ୨୨. | '୍ମ' ମ ଫଳା | - | କ୍ + ମ = କ୍ମ |
| ୨୩. | 'ର୍' ରେଫ୍ | - | କ୍ + ର୍ = ର୍କ |
| ୨୪. | ଯୁକ୍ତାକ୍ଷର | - | ଙ୍ + କ = ଙ୍କ |
| ୨୫. | ଯୁକ୍ତାକ୍ଷର | - | ଙ୍ + ଖ = ଙ୍ଖ |
| ୨୬. | ଯୁକ୍ତାକ୍ଷର | - | ଙ୍ + ଗ = ଙ୍ଗ |
| ୨୭. | ଯୁକ୍ତାକ୍ଷର | - | ଙ୍ + ଘ = ଙ୍ଘ |

# ଏବେ ଆସ ଶିଖିବା

| | |
|---|---|
| ପାଠ-୧ | ଞ୍ଚ, ଞ୍ଛ |
| ପାଠ-୨ | ଞ୍ଜ, ଞ୍ଝ |
| ପାଠ-୩ | ଙ୍କ, ଙ୍ଗ |
| ପାଠ-୪ | ଣ୍ଡ, ଣ୍ଢ |
| ପାଠ-୫ | ଭଣ୍ଡ ବାବାଜୀ |
| ପାଠ-୬ | ନ୍ତ, ନ୍ଥ |
| ପାଠ-୭ | ନ୍ଦ, ନ୍ଧ |
| ପାଠ-୮ | ମ୍ପ, ମ୍ଫ |
| ପାଠ-୯ | ମ୍ବ, ମ୍ଭ |
| ପାଠ-୧୦ | କ୍ଲ, କ୍ଟ |
| ପାଠ-୧୧ | କ୍ତ, କ୍ସ |
| ପାଠ-୧୨ | ଗ୍‌ଗ, ଦ୍ଦ, ଗ୍ଧ |
| ପାଠ-୧୩ | ଚ୍ଚ, ଚ୍ଛ |
| ପାଠ-୧୪ | ଜ୍ଜ, ଜ୍ଝ |
| ପାଠ-୧୫ | ଜ୍ଞ, ଟ୍ଟ |
| ପାଠ-୧୬ | ହ୍ମ, ଡ୍ଡ |
| ପାଠ-୧୭ | ତ୍‌ଥ, ହ୍ନ |
| ପାଠ-୧୮ | ତ୍ନ, ତ୍ତ |
| ପାଠ-୧୯ | ଦ୍ନ, ହ୍ଣ |
| ପାଠ-୨୦ | ଘ୍ନ, ଘ୍ର |
| ପାଠ-୨୧ | ଦ୍ଧ, ଦ୍ଭ, ଦ୍‌ଯ |
| ପାଠ-୨୨ | ପ୍ଲ, ପ୍ତ |
| ପାଠ-୨୩ | ପ୍ପ, ପ୍ସ |
| ପାଠ-୨୪ | ବ୍ଦ, ବ୍ଧ, ଘ, ଢ |
| ପାଠ-୨୫ | ଲ୍କ, ଲ୍ଗ, ଲ୍ଟ, ଲ୍ପ, ଲ୍ଫ, ଲ୍ଭ |
| ପାଠ-୨୬ | ଶ୍ଚ, ଶ୍ଛ |
| ପାଠ-୨୭ | ଷ୍କ, ଷ୍ଟ, ଷ୍ଠ |
| ପାଠ-୨୮ | ଷ୍ପ, ଷ୍ଫ, ଷ୍ଣ, ଷ୍ମ |
| ପାଠ-୨୯ | ସ୍କ, ସ୍ଖ |
| ପାଠ-୩୦ | ସ୍ତ, ସ୍ଥ |
| ପାଠ-୩୧ | ସ୍ପ, ସ୍ଫ |



# ପାଠ-୧

ଞ୍ + ଚ = ଞ୍ଚ

ଞ୍ + ଛ = ଞ୍ଛ

ଞ୍ଚ

ଞ୍ଛ



ଛଞ୍ଚାଣ



କଞ୍ଚି



ବାଞ୍ଛାନିଧି

| | | | |
|---|---|---|---|
| ଘୁଞ୍ଚ | ପାଞ୍ଚଣି | ବିଞ୍ଚଣା | ଚଞ୍ଛା |
| ପାଞ୍ଚ | ଅଞ୍ଚଳ | କାଞ୍ଚନ | ବାଞ୍ଛା |
| ମଞ୍ଚ | ଚଞ୍ଚଳ | ପଞ୍ଚାୟତ | ପିଞ୍ଛ |
| କୁଞ୍ଚ | ସଞ୍ଚୟ | ବନ୍ୟାଞ୍ଚଳ | ଲାଞ୍ଛନା |
| ଘଞ୍ଚ | ପଞ୍ଚମ | ମଣିକାଞ୍ଚନ | ବାଞ୍ଛାକଳ୍ପ |

# ସରପଞ୍ଚ

ବାଞ୍ଛାନିଧି କାଞ୍ଚନପୁର ପଞ୍ଚାୟତର ସରପଞ୍ଚ । ସେ ଗାଁ ଲୋକମାନଙ୍କର ମନବାଞ୍ଛା ପୂରଣ ପାଇଁ ସରପଞ୍ଚ ପଦନେଇଥିଲା । ଥରେ କାଞ୍ଚନପୁର ଗାଁରେ ବନ୍ୟା ଆସିଲା । ବାଞ୍ଛାନିଧି ପଞ୍ଚାୟତର ଲୋକମାନଙ୍କୁ ନେଇ ବନ୍ୟା ଅଞ୍ଚଳ ଦେଖିବାକୁ ଗଲା । ତା'ର ଘରେ ସଞ୍ଚୟ କରିଥିବା ଚୁଡ଼ା ଓ ଚାଉଳ ଲୋକମାନଙ୍କୁ ଦାନ କଲା । ଗାଁ ପାଖରେ ଏକ ଘଞ୍ଚ ଜଙ୍ଗଲ ଥିଲା । ସେଠୁ ଶୁଖିଲା କାଠ ସଂଗ୍ରହ କରି ଲୋକମାନଙ୍କୁ ଯୋଗାଇଲା । ବାଞ୍ଛାନିଧି ସଭା ମଞ୍ଚରେ ବନ୍ୟାଞ୍ଚଳର ଲୋକଙ୍କ ପାଇଁ ଖାଦ୍ୟ ଓ ପୋଷାକ ସଞ୍ଚୟ କରିବାକୁ କହିଲା । ତା'ର ଏ କାମ ପାଇଁ ସଭାମଞ୍ଚରେ ପ୍ରଶଂସା କରାଗଲା । ସେ ଲୋକମାନଙ୍କୁ ଧନ ସଞ୍ଚୟ ପାଇଁ ଉପଦେଶ ଦେଲା । ସରପଞ୍ଚଙ୍କ ଭଲ କାମ ପାଇଁ ତାଙ୍କୁ ଆଉ ଲାଞ୍ଛନା ସହିବାକୁ ପଡ଼ିନଥିଲା ।



## ତୁମ ପାଇଁ କାମ

**୧. ଅଭ୍ୟାସ କର -**

ଞ୍ + ______ = ଞ୍ଚ      ଞ୍ + ______ = ଞ୍ଛ

______ + ଚ = ______      ______ + ଛ = ଞ୍ଛ

ଞ୍ + ଚ = ______      ଞ୍ + ଛ = ______

**୨. ଖାଲି ଜାଗାରେ ଉଚିତ୍ ଅକ୍ଷର ଲେଖ -**

ଛ______ଣ      କା______ନ      ବା______କମ୍ବ

ବି_____ଣା ପ_____ୟତ ଖଜୁରୀପି_____

ସ_____ୟ ବନ୍ୟା_____ଳ ପ_____ମ

ଲା_____ନା ବା_____ନିଧି

## ୩. ସଜାଡ଼ି ଲେଖ ।

ଞ୍ଚବିଣା ଞ୍ଚସୟ ଞ୍ଚପମ ଞ୍ଚକାନ

ଞ୍ଛାବାନିଧି ଞ୍ଛଲାନା ଞ୍ଚାପୟତ

## ୪. ଇଂରାଜୀରୁ ଓଡ଼ିଆ କର ।

Eagle ________ Five ________

Needle ________ Saving ________

## ୫. 'ଞ୍ଚ' ଓ 'ଞ୍ଛ' ଲାଗିଥିବା ତିନୋଟି ଲେଖାଏଁ ଶବ୍ଦ ଲେଖ ।

________________________

## ୬. (କ) ବାଞ୍ଛାନିଧି କେଉଁଠିକାର ସରପଞ୍ଚ ?

(ଖ) ବନ୍ୟାଞ୍ଚଳରେ ବାଞ୍ଛାନିଧି କ'ଣ ଦାନ କଲା ?

(ଗ) ବାଞ୍ଛାନିଧି କେଉଁଠାରୁ କାଠ ସଂଗ୍ରହ କଲା ?

(ଘ) ସରପଞ୍ଚ ଲୋକମାନଙ୍କୁ କି ଉପଦେଶ ଦେଲେ ?

(ଙ) ଭଲକାମ ପାଇଁ ସରପଞ୍ଚଙ୍କୁ କ'ଣ ସହିବାକୁ ପଡ଼ି ନଥିଲା ?

ଞ୍ + ଜ = ଞ୍ଜ

# ପାଠ-୨

ଞ୍ + ଝ = ଞ୍ଝ

ଞ୍ଜ



ଖଞ୍ଜଣି



ଞ୍ଝ

ପଞ୍ଝା

| | | | |
|---|---|---|---|
| ସଞ୍ଜ | ରଞ୍ଜନ | ମଞ୍ଜୁଆତି | ପଞ୍ଝାଏ |
| ମଞ୍ଜି | ଇଞ୍ଜିନ୍ | ଧନଞ୍ଜୟ | ବିଞ୍ଝାରପୁର |
| ଭଞ୍ଜ | ପିଞ୍ଜରା | ଲଞ୍ଜାତାରା | ବାଘର ପଞ୍ଝା |
| ରଞ୍ଜୁ | କରଞ୍ଜ | କୁଞ୍ଜବନ | |

## ରଞ୍ଜୁ ଓ ସଞ୍ଜୁ

ସଞ୍ଜ ହେଲେ ଖଞ୍ଜଟି ଭଞ୍ଜନଗରରୁ ଆସି ଠାକୁର ବେଢ଼ାରେ ଖଞ୍ଜଣି ବଜାଏ । ରଞ୍ଜୁ ଓ ସଞ୍ଜୁ ସବୁଦିନେ ଖଞ୍ଜଟିର ଭଜନ ଶୁଣି ଖୁସି ହୋଇ ତାକୁ କିଛି ପଇସା ଦେଲେ । ଧନଞ୍ଜୟ ମଉସା ପଞ୍ଝାଏ ଛେଳି ଧରି ବିଞ୍ଝାରପୁରକୁ ଗଲାବେଳେ ଖଞ୍ଜଟିର ଗୀତ ଶୁଣିଲେ । ବାଟରେ ସେ ବାଘର ପଞ୍ଝା ଦେଖିବାକୁ ପାଇଲେ । ସେ ଭୟ ନ କରି ଠାକୁରଙ୍କୁ ସୁମରଣା କରି ସଞ୍ଜୟ ଘରକୁ ଗଲେ । ରଞ୍ଜୁ, ସଞ୍ଜୁ ଓ ଅଞ୍ଜନା ମଞ୍ଜୁଆତି ଧରି ଘରକୁ ଫେରିଲେ । ଦୂରରୁ ଖଞ୍ଜଣି ବାଜା ଓ ଭଜନ ସଞ୍ଜବେଳେ ଭାସି ଆସୁଥିଲା । ପିଞ୍ଜରା ଭିତରୁ ଶୁଆଟି ମଧ୍ୟ ସଞ୍ଜୁଆବେଳର ଗୀତ ଶୁଣି ଖୁସି ହେଉଥିଲା ।

## ତୁମ ପାଇଁ କାମ

### ୧. ଅଭ୍ୟାସ କର-

ଞ୍ + ଜ = ______    ଞ୍ + ଝ = ______    __ + ଜ = ______

__ + ଛ = ଞ୍ଛ    ଞ୍ + ଚ = ______    __ + ଝ = ______

### ୨. ଖାଲି ଜାଗା ପୂରଣ କର ।

ପି______ରା    ମ______ଆତି    ପ______ଏ

ଖ______ଣି    ଧନ______ୟ    ବି______ରପୁର

ଇ______ନ    ଲ______ତାରା    ପ______ଏ ଛେଳି

### ୩. ସଜାଡ଼ି ଲେଖ ।

ଞ୍ଜପିରା    ଞ୍ଜୁମଆତି    ଞ୍ଝାପଏ

ଞ୍ଜଖଣି    ବକୁଞ୍ଜନ    ଞ୍ଝାପଏ ଛେଳି

ଞ୍ଜିଇନ୍    ଲଞ୍ଜାତାରା    ଞ୍ଝାବିରପୁର

### ୪. ଇଂରାଜୀରୁ ଓଡ଼ିଆ କର ।

Engine ________    Cage ________

Evening ________    Claw ________

### ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଖଞ୍ଜଟି କେତେବେଳେ ଖଞ୍ଜଣି ବଜାଏ ?

(ଖ) କେଉଁମାନେ ଖଞ୍ଜଟିକୁ ପଇସା ଦେଲେ ?

(ଗ) ଧନଞ୍ଜୟ ମଉସା କେଉଁଠିକୁ ଯାଉଥିଲେ ?

(ଘ) କିଏ କିଏ ମଞ୍ଜୁଆତି ଧରି ଘରକୁ ଫେରିଲେ ?

# ପାଠ-୩

ଣ୍ + ଟ = ଣ୍ଟ

ଣ୍ + ଠ = ଣ୍ଠ

ଣ୍ଟ



ଝିଣ୍ଟିକା



ଲଣ୍ଠନ

ଣ୍ଠ

| | | | | |
|---|---|---|---|---|
| ଅଣ୍ଟା | କଣ୍ଟିଆ | ନିଆଁଖୁଣ୍ଟା | କଣ୍ଠ | ଗଣ୍ଠିଲି |
| ଥଣ୍ଟ | ତଣ୍ଟିଆ | ପେଟକଣ୍ଟା | ଗଣ୍ଠି | ଲୁଣ୍ଠନ |
| ଘଣ୍ଟା | ଝୁଣ୍ଟିଆ | ପିଟାଘଣ୍ଟା | ପାଣ୍ଠି | ବୈକୁଣ୍ଠ |
| ମଣ୍ଟୁ | ଥଣ୍ଟିଆ | ବଣ୍ଟାବଣ୍ଟି | କୁଣ୍ଠା | ନୀଳକଣ୍ଠ |

## ନୀଳକଣ୍ଠଙ୍କ ଗଣ୍ଠିଲି

ନୀଳକଣ୍ଠବାବୁ କଣ୍ଟାମାଳ ଅଞ୍ଚଳର ଜଣେ ଜଣାଶୁଣା ଲୋକ । ତାଙ୍କର ସକାଳୁ ଘଣ୍ଟ ଘଣ୍ଟା ବଜାଇ ଠାକୁର ପୂଜା ଚାଲେ । ଥରେ ସେ ତୀର୍ଥଯାତ୍ରାରେ ବାହାରିଲେ । ସାଙ୍ଗରେ ଲଣ୍ଠନ, ଶୁଣ୍ଠି, କଣ୍ଠାମୁଢି ଭଜା ପ୍ରଭୃତି ଗଣ୍ଠିଲିରେ ଏକତ୍ର କଲେ । ସମୟକୁ କଣ୍ଟ କରି ନୀଳକଣ୍ଠ ବାହାରି ପଡିଲେ । ବାଟରେ ଏକ ନଦୀ ପଡିଲା । ସେଠାରେ ସେ କଣ୍ଟିଆ ମାଛ ଓ ଥଣ୍ଟିଆ ମଗର ଦେଖିବାକୁ ପାଇଲେ । ସେ ଘଣ୍ଟାଏ ଠିଆହୋଇ ସେମାନଙ୍କୁ ଦେଖିଲେ । ତାଙ୍କ ଗଣ୍ଠିଲିରୁ କିଛି କଣ୍ଠାମୁଢି ମାଛକୁ ଖାଇବାକୁ ଦେଲେ । ଲଣ୍ଠନକୁ କାଢି ରାତିରେ ଜାଳିଲେ । ଶୋଷରେ ତଣ୍ଟି ଶୁଖିଯିବାରୁ ନଦୀରୁ ପାଣି ପିଇ ପାଖ ଗାଁକୁ ବାହାରିଲେ । ସେଠି କେତେ ଘଣ୍ଟା ବିଶ୍ରାମ ନେଇ ପରଦିନ ପୁଣି ନିଜ ଗଣ୍ଠିଲି ନେଇ ଆଗକୁ ଗଲେ । ଠାକୁରଙ୍କ ପାଖରେ ଘଣ୍ଟ ଘଣ୍ଟା ବାଜୁଥିଲା । ପୂଜାରୀ ଘଣ୍ଟି ଓ ଶଙ୍ଖ ବଜାଇ ପୂଜା କରୁଥିଲେ । ନୀଳକଣ୍ଠବାବୁ ସେଠାରେ ହାତ ଯୋଡି ଠାକୁରଙ୍କୁ ପ୍ରାର୍ଥନା କଲେ ।



## ତୁମ ପାଇଁ କାମ

### ୧. ଅଭ୍ୟାସ କର-

ଣ୍ + ଟ = ______     ______ + ଟ = ଣ୍ଟ     ଣ୍ + ______ = ଣ୍ଟ

ଣ୍ + ଠ = ______     ______ + ଠ = ଣ୍ଠ     ଣ୍ + ______ = ଣ୍ଠ

### ୨. ଶୂନ୍ୟ ଜାଗା ପୂରଣ କର:

ଝି______କା     ନିଆଁଖୁ______     ଗ______ଲି

ଥ______ଆ     ପେଚକ______     ଲୁ______ନ

ତ______ଆ     ବ____ବ____     ନୀଳକ______

### ୩. ସଜାଡ଼ି ଲେଖ ।

ଣ୍ଟିତଆ     ଣ୍ଟାବବଣ୍ଟା     ନୀଣ୍ଠଳକ

ଥଆଣ୍ଟି     ଆଁନିଖୁଣ୍ଟା     ଲୁନଣ୍ଠ

ଣ୍ଟିଝିକା     ଣ୍ଟାପେଚକ     ଣ୍ଠୁଗଲି

### ୪. ଇଂରାଜୀରୁ ଓଡ଼ିଆ କର ।

Grasshopper ________     Lamp ________     Watch ________

Beak ________     Knee ________     Throat ________

### ୫. ଉତ୍ତର ଦିଅ -

(କ) ନୀଳକଣ୍ଠ କେଉଁ ଅଞ୍ଚଳର ଲୋକ ?

(ଖ) ନୀଳକଣ୍ଠ ତୀର୍ଥଯାତ୍ରା ପାଇଁ ସାଙ୍ଗରେ କ'ଣ ନେଲେ ?

(ଗ) ଗଲାବେଳେ ବାଟରେ ନୀଳକଣ୍ଠ କ'ଣ ଦେଖିଲେ ?

(ଘ) ନୀଳକଣ୍ଠ ମାଛମାନଙ୍କୁ କ'ଣ ଖାଇବାକୁ ଦେଲେ ?

# ପାଠ-୪

ଣ୍ + ଡ = ଣ୍ଡ                ଣ୍ + ଢ = ଣ୍ଢ

ଣ୍ଡ                ଣ୍ଢ



ମୁଣ୍ଡ



ଷଣ୍ଢ

| | | | |
|---|---|---|---|
| ଖଣ୍ଡା | ଏଣ୍ଡୁରି | ମେଣ୍ଢା | କଣ୍ଢେଇ |
| ହାଣ୍ଡି | ମାଣ୍ଡିଆ | ଷଣ୍ଢା | ସଣ୍ଢୁଆସି |
| ଖଣ୍ଡି | ଧାନକେଣ୍ଡା | କୁଣ୍ଢ | ମେଣ୍ଢାଛୁଆ |
| ଖଣ୍ଡିଆ | ମଣ୍ଡାପିଠା | ହାତୀଶୁଣ୍ଢ | |

## ଖଣ୍ଡିଆ ଭୂତ

ମହାଦେବଙ୍କ ଦେଉଳଟିଏ ଗାଁ ମୁଣ୍ଡରେ ଅଛି । ସେଠି ସବୁଦିନେ ଏକ କଳାରଙ୍ଗର ଷଣ୍ଢ ଆସି ଶୁଏ । ଲୋକମାନେ ଦେଉଳକୁ ଆସିଲେ ତାକୁ କଦଳୀ ଓ ଫଳ ଖାଇବାକୁ ଦିଅନ୍ତି । ଦିନେ ମେଣ୍ଢାଛୁଆଟିଏ ଖଣ୍ଡିଆଖାବରା ହୋଇ ଦେଉଳ ପାଖକୁ ଆସିଲା । ଷଣ୍ଢଟି ମେଣ୍ଢାଛୁଆଟିକୁ ଦେଖି ତାକୁ ନ ମାରି ତା' ଖଣ୍ଡିଆ ଜାଗାକୁ ଜିଭରେ ଚାଟିଲା । ହଠାତ୍ କେଉଁଠାରୁ ଏକ ଖଣ୍ଡିଆଭୂତ ଆସିଲା । ଦେଉଳ

ପାଖରେ ଭିନ୍ନ ଭିନ୍ନ ଫୁଲଗଛ ସବୁ ଥିଲା ଓ ତା'ର ପତ୍ରସବୁ ଉପରକୁ ଉଡ଼ାଇ ବଡ଼ ଆକାରରେ ବୁଲିବାକୁ ଲାଗିଲା । ଖଣ୍ଡିଆଭୂତକୁ ଦେଖି ମେଣ୍ଢାଛୁଆଟି ଡରିଯାଇ ଷଣ୍ଢ ପାଖରେ ମୁଣ୍ଡ ଗୁଞ୍ଜି ରହିଲା । ବିଚରା ମେଣ୍ଢାଛୁଆ ସେ ଖଣ୍ଡିଆଭୂତକୁ ଦେଖି କିଛି ବୁଝିପାରିଲା ନାହିଁ । ସେ ପବନରେ କିଛି ଧାନକେଣ୍ଡା ଉଡ଼ାଇ ଆଣିଲା । ସେ ଧାନକେଣ୍ଡାଗୁଡ଼ିକୁ ଦେଖି ଷଣ୍ଢଟି ଖୁସି ହେଲା ଏବଂ ମହାଦେବଙ୍କୁ ଧନ୍ୟବାଦ ଦେଇ ତାକୁ ଖୁସିରେ ଖାଇଲା ।



## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ଣ୍ + ଡ = ________     ଣ୍ + ଢ଼ = ________

________ + ଡ = ଣ୍ଡ     ଣ୍ + ________ = ଣ୍ଢ

### ୨. ଶୂନ୍ୟ ଜାଗାକୁ ପୂରଣ କର ।

ଖ________ଆ     କ________ଇ

ମା________ଆ     ସ________ଆସି

ଧାନକେ________     ମେ________ଛୁଆ

ମ________ପିଠା     ହାତୀଶୁ________

### ୩. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Head | ________ | Sheep | ________ |
| Sword | ________ | Doll | ________ |
| Bull | ________ | Trunk | ________ |

## ୪. ସଜାଡ଼ି ଲେଖ ।

ଣିଖଆ ଣେକଇ ଣିମାଆ ଣୁସଆସି କେଧାନଣା

ଣାମପିଠା ଣାମେଛୁଆ ଣିଖଆଭୂତ ତୀହାଣୁଣ

## ୫. ଶୂନ୍ୟଜାଗାକୁ ଭରି ବାକ୍ୟଟିକୁ ପୂରା କର -

(କ) ମହାଦେବଙ୍କ ଦେଉଳଟିଏ ________ ଅଛି ।

(ଖ) ଷଣ୍ଢଟି ମେଣ୍ଢାଛୁଆର ________ ଚାଟିଲା ।

(ଗ) ଦେଉଳ ପାଖରେ ସବୁଦିନେ ________ ଆସି ଶୁଏ ।

## ୬. ଉତ୍ତର ଲେଖ -

(କ) ଗାଁମୁଣ୍ଡର ଦେଉଳ ପାଖରେ କିଏ ଶୁଏ ?

(ଖ) ମେଣ୍ଢାଛୁଆଟି କାହାକୁ ଦେଖି ଡରିଗଲା ?

(ଗ) ପବନରେ କଅଣ ଉଡ଼ାଇ ଆଣିଲା ?

(ଘ) ଆକାଶରେ କ'ଣ ବୁଲିବାକୁ ଲାଗିଲା ?

# ପାଠ-୫

## ଭଣ୍ଡ ବାବାଜୀ

ଭଣ୍ଡ ବାବାଜୀର ମୁହଁ ଧଣ୍ଡୁଆ,
ଭକତ ଆସିଲେ ଲଣ୍ଡଭଣ୍ଡିଆ ।
ଗଣ୍ଡାଗଣ୍ଡା ବୋହୂ ଦେଉଳ ଗଲେ
ଓଢ଼ଣା ଟେକି ମୁଣ୍ଡିଆ ହେଲେ ।
ଭଣ୍ଡ ବାବାଜୀ ଠକାମି କରି ପଇସା ନିଏ,
ଭଣ୍ଡାଭଣ୍ଡି କରି ଭକତମାନଙ୍କୁ ଭଣ୍ଡାଇ ଥାଏ ।
ଲଣ୍ଡା ବାବାଜୀଟି ବାଷ୍ଟଇ ଧଣ୍ଡା,
ଟଙ୍କା ନ ଦେଲେ ଅବସ୍ଥା ବାରଣ୍ଡା ।
ଦେଖିବାକୁ ସେ କଳା ଭୁଷୁଣ୍ଡା,
ହାତେ ଧରିଥାଏ କାଳୀଙ୍କ ଖଣ୍ଡା ।
ମୁଣ୍ଡରେ ଟୀକା ହାତରେ ଦଣ୍ଡ,
ରାଗିଲେ କରିବ ସେ ଖଣ୍ଡଖଣ୍ଡ ।
ତା' ଘରେ ପୋଷିଛି ପାଞ୍ଚଟି ମେଣ୍ଢା,
ବାଡ଼ିପଟେ ଅଛି କଦଳୀଭଣ୍ଡା ।
ଘର ତା'ର ଅଟେ ରଙ୍ଗେଇଲୁଣ୍ଡା ।



# ପାଠ-୬

ନ୍ + ତ = ନ୍ତ

ନ୍ + ଥ = ନ୍ଥ

ନ୍ତ



ଦାନ୍ତ

ନ୍ଥ



ସନ୍ଥ

| | | | | | |
|---|---|---|---|---|---|
| ତନ୍ତ | ଶାନ୍ତି | ସନ୍ତୋଷ | ଗ୍ରନ୍ଥ | ପେନ୍ଥି | ପାନ୍ଥଶାଳା |
| ଯନ୍ତା | କାନ୍ତି | ଯନ୍ତର | ପନ୍ଥ | ମନ୍ଥନ | ଗ୍ରନ୍ଥାଗାର |
| ଶାନ୍ତ | ଭ୍ରାନ୍ତି | ବସନ୍ତ | କନ୍ଥା | ମନ୍ଥର | ସାଧୁସନ୍ଥ |
| ଚିନ୍ତା | କିନ୍ତୁ | କୁନ୍ତଳା | ପନ୍ଥା | ସୁନ୍ଥାଣୀ | ଅଙ୍ଗୁରପେନ୍ଥା |

## କନକନାନୀ

ଆମ ଗାଆଁ ନାନୀ କନକ ଗୋରୀ
ବଉଳ ପେନ୍ଥିରେ ଶରଧା ଭାରି ।
କଷଣ ତାକୁ ଜଣା ତ ନାହିଁ
ଫୁଲ ଗୁନ୍ଥି ମାଳ ବିକଇ ଯାଇ ।





ଠାକୁର କାନ୍ଥରେ ଦିଏ ଟଙ୍ଗାଇ
ପେନ୍ଥା ପେନ୍ଥା ଫୁଲ ଥୋଇଛି ନେଇ ।
ଯିଏ ଯାଏ ନିଏ ଠାକୁର ପାଇଁ
ମୂଲଚାଲ କଲେ ହୁଏ କୁନ୍ଥେଇ ।





ସରଗତାରା ସେ କନକ ଗୋରୀ
ସନ୍ଥ ପରି ବସେ ମନକୁ ମାରି ।
ସଭିଏଁ ଡାକନ୍ତି କନକନାନୀ
ସୁନ୍ଥାରେ ନାଇଛି ସୁନା ଚଉଁରୀ ।



ଫୁଲ ପେନ୍ଥା ଦେଖି ରହେ ଭକତ
ଠାକୁରଙ୍କୁ ଦେଲେ ମନ ଉଷତ ।
ଠାକୁର ସେବାରେ ବିତାଏ ଦିନ
ସୌଭାଗ୍ୟବତୀ ସେ ନାରୀ ରତନ

## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ନ୍ + ତ = ______    ନ୍ + ଥ = ______    ନ୍ + ______ = ନ୍ତ

______ + ଥ = ନ୍ଥ    ______ + ତ = ନ୍ତ    ନ୍ + ______ = ନ୍ଥ

### ୨. ସଜାଡ଼ି ଲେଖ -

| | |
|---|---|
| ର୍ଯ୍ୟସୂକାନ୍ତ | ନ୍ଥାଗ୍ରଗାର |
| ତ୍ରପୁହନ୍ତା | ନ୍ଥମନ |
| ନ୍ତୋସଷ | ନ୍ଥାସୁଣୀ |
| ନ୍ତଯର | ନ୍ଥପାଶାଳା |
| ନ୍ତମର | ଙ୍ଗୁରପେନ୍ଥାଅ |
| ବଜୀଜନ୍ତୁ | ସମୁଦ୍ରନନ୍ଥମ |

### ୩. ଖାଲି ଜାଗାକୁ ପୂରଣ କର ।

| | |
|---|---|
| ମ_____ନ | ସୁ_____ଣୀ |
| ସୂର୍ଯ୍ୟକା_____ | ଗ୍ର_____ଗାର |
| ସ_____ଷ | ପା_____ଶାଳା |
| ଯ_____ର | ଅଙ୍ଗୁରପେ_____ |
| ଜୀବଜ_____ | ସମୁଦ୍ରମ_____ନ |

### ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Library | – ................ | Tooth – | ................ |
| Guest House | – ................ | Saint – | ................ |
| Peace | – ................ | Cage – | ................ |

### ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଆମ ଗାଁ କନକନାନୀର ଶରଧା କେଉଁଥିରେ ?

(ଖ) କନକନାନୀ କ'ଣ କରେ ?

(ଗ) ଭକ୍ତମାନେ ଫୁଲ କାହାପାଇଁ ନିଅନ୍ତି ?

(ଘ) କନକନାନୀ ସୁନା ଚଉଁରୀ କେଉଁଠି ନାଇଛି ?

### ୬. ପିଲାମାନେ 'କନକନାନୀ' କବିତାଟିକୁ ଆବୃତ୍ତି କରିବେ ।

(ଶିକ୍ଷକ ପର୍ଯ୍ୟବେକ୍ଷଣ କରି ସଠିକତା ମୂଲ୍ୟାୟନ କରିବେ)

# ପାଠ-୭

ନ୍ + ଦ= ନ୍ଦ

ନ୍ଦ



## ମନ୍ଦିର

ନ୍ + ଧ = ନ୍ଧ

ନ୍ଧ



## ବନ୍ଧାକୋବି

| | | | | |
|---|---|---|---|---|
| କ୍ରନ୍ଦନ | ସିନ୍ଦୂର | ସିନ୍ଧୁ | ବନ୍ଧନ | କନ୍ଧୁଣୀ |
| ଛନ୍ଦ | ସୁନ୍ଦର | ବନ୍ଧୁ | ସୁଗନ୍ଧ | ଅନୁସନ୍ଧାନ |
| ମନ୍ଦ | କନ୍ଦର | ଅନ୍ଧ | ବନ୍ଧୁକ | ରାକ୍ଷୀବନ୍ଧନ |
| ବନ୍ଦ | ଅରବିନ୍ଦ | ବନ୍ଧ | ସନ୍ଧାନ | ପୋଖରୀବନ୍ଧ |
| ଜନ୍ଦା | ଆଦିକନ୍ଦ | ସନ୍ଧ୍ୟା | ଅନ୍ଧାର | ମାଣିଆବନ୍ଧ |
| ମନ୍ଦାର | ଚନ୍ଦନ | ଗନ୍ଧ | ଅନ୍ଧୁଣୀ | ସୁଗନ୍ଧିତ |

## ଗୋପ ଆନନ୍ଦ

ଦ୍ୱାପର ଯୁଗର ଗୋପର କହ୍ନେଇ । ଅନ୍ଧାରକୁ ଦେଖିଲେ ଡରନ୍ତି । ଯଶୋଦା ଓ ନନ୍ଦରାଜା ତାଙ୍କୁ ଅତି ଆଦରରେ ବଢ଼େଇଥିଲେ । ବୁଢ଼ା ବୟସରେ ସନ୍ତାନ ପାଇ ତାଙ୍କର ଆନନ୍ଦ କହିଲେ ନସରେ । ଯଶୋଦା କହ୍ନେଇର ମୁଣ୍ଡରେ ଚନ୍ଦନଟିପା ଓ ଗଳାରେ ଗୁଞ୍ଜର ମାଳି ପିନ୍ଧାଇ ଦିଅନ୍ତି । ମୁଣ୍ଡରେ ମୟୂରଚୁଳ ଆହୁରି ସୁନ୍ଦର ଦେଖାଯାଏ । କହ୍ନେଇଙ୍କୁ ନନ୍ଦରାଜା ଓ ଯଶୋଦା ଅତି ଗେହ୍ଲାରେ ଡାକନ୍ତି କାଳିଆ ଚାନ୍ଦ, କଳାଗୋବିନ୍ଦ, ନନ୍ଦ ଆନନ୍ଦ, ଯଶୋଦା ନନ୍ଦନ ଇତ୍ୟାଦି ।

କଳାଗୋବିନ୍ଦ ବେଶୀ ଚଗଲା ହେଲେ ଯଶୋଦା ତାଙ୍କୁ ଦଣ୍ଡ ଦେବା ପାଇଁ ଗଛରେ ବାନ୍ଧି ଦିଅନ୍ତି । ତାଙ୍କର ବନ୍ଧୁମାନେ ତାଙ୍କ ସହିତ ଖେଳିବା ପାଇଁ ଜଗି ରହିଥାନ୍ତି । ଲବଣୀ, ସର ଅନୁସନ୍ଧାନ କରି ରନ୍ଧନଶାଳାରେ ପଶି ଚୋରାଇ ଆଣନ୍ତି । ସାଙ୍ଗମାନେ ମିଶି ମହା ଆନନ୍ଦରେ ସରଲବଣୀ ଖାଆନ୍ତି । ନନ୍ଦରାଜା ଆନନ୍ଦରେ ଗୀତ ଗାଆନ୍ତି - ଆହରେ ନନ୍ଦ କୋଳେ ଗୋବିନ୍ଦ ।



## ଆସ ପଢ଼ିବା ଓ ମନେରଖିବା

ବନ୍ଧୁରେ ଥରେ ଗଛକୁ ଅନା,
କହୁଛି "ମୋତେ ଜମା କାଟନା"
ଅନ୍ଧ ଥିବୁ ଯଦି କାଟିବୁ ମୋତେ
ଜାଣୁ ଅମ୍ଳଜାନ ଯୋଗାଏ କେତେ ?
ମୁହିଁ ଅଟଇ ଯେ ସଭିଙ୍କ ବନ୍ଧୁ
ହେ କୃପାସିନ୍ଧୁ,
ସଂସାର ବଞ୍ଚାଅ ବିପଦକାନ୍ଧୁ ।





## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ନ୍ + ଦ= _______ ନ୍ + ଧ = _______ _______ + ଦ= ନ୍ଦ

_______ + ଧ = ନ୍ଧ ନ୍ + _______ = ନ୍ଦ ନ୍ + _______ = ନ୍ଧ

### ୨. ସଜାଡ଼ି ଲେଖ-

| | | |
|---|---|---|
| ନ୍ଦଚନ | ଲଅନ୍ଧୁ | ନ୍ଧାଅନୁସନ |
| ନ୍ଦସୁର | ଗସୁନ୍ଧ | ନ୍ଧକ୍ଷୀରାବନ |
| ନ୍ଦୂସିର | ନ୍ଧରନ | ଖିପୋରୀନ୍ଦବ |
| ରଅବିନ୍ଦ | ବସୁରାନ୍ଧ | ବଣିମାଆନ୍ଧ |
| କମରନ୍ଦ | ନ୍ଧାଅର | ନ୍ଦକଲମୂ |

### ୩. ଖାଲି ଜାଗାକୁ ପୂରଣ କର ।

| | | | |
|---|---|---|---|
| ସୁ---ର | କ---ର | ଅରବି--- | କ---ମୂଳ |
| ସୁଗ-- | ର---ନ | ସ---ନ | ଅ---ର |
| ଅନୁସ---ନ | ରାକ୍ଷୀବ---ନ | | |

### ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Beautiful | ________ | Cabbage | ________ |
| Blind | ________ | Hibiscus | ________ |
| Gun | ________ | Close | ________ |
| Dark | ________ | Investigation | ________ |
| Sandal | ________ | | |

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) କହ୍ନେଇ କାହାକୁ ଡରନ୍ତି ?

(ଖ) ଯଶୋଦା କହ୍ନେଇକୁ କଅଣ ପିନ୍ଧାଇ ଦିଅନ୍ତି ?

(ଗ) ଯଶୋଦା କହ୍ନେଇକୁ ଗେହ୍ଲାରେ କଅଣ ଡାକନ୍ତି ?

(ଘ) କହ୍ନେଇ ଓ ତାଙ୍କ ବନ୍ଧୁମାନେ କେଉଁଠାରୁ ସର ଲବଣୀ ଚୋରାନ୍ତି ।

## ୬. ଶୂନ୍ୟଜାଗା ପୂରଣ କର -

(କ) ଆହାରେ ______ କୋଳେ ______ ।

(ଖ) ସାଙ୍ଗମାନେ ମିଶି ______ ସରଲବଣୀ ଖାଆନ୍ତି ।

(ଗ) ______ ଓ ______ ତାଙ୍କୁ ଅତି ଆଦରରେ ବଢ଼ାଇ ଥିଲେ ।

## ୭. ଗୋଟିଏ ମନ୍ଦାରଫୁଲ ଚିତ୍ର ଅଙ୍କନ କରି ରଂଗ ଦିଅ

(ଶିକ୍ଷକମାନେ ଏହାର ବିଭିନ୍ନ ଦିଗରୁ ମୂଲ୍ୟାୟନ କରିବେ ।)

# ପାଠ-୮

ମ୍ + ପ = ମ୍ପ　　　ମ୍ + ଫ = ମ୍ଫ

ମ୍ପ



ପିମ୍ପୁଡ଼ି

ମ୍ଫ



ବାମ୍ଫୀ

| | | | |
|---|---|---|---|
| କମ୍ପ | କମ୍ପାସ | ଗୁମ୍ଫା | ହାତୀଗୁମ୍ଫା |
| ତମ୍ପ | ସମ୍ପନ୍ନ | ବାମ୍ଫ | ବାମ୍ଫୀଜଳ |
| ପମ୍ପ | ସମ୍ପଦ | ଲମ୍ଫ | ପତ୍ରଡେମ୍ଫ |
| ଫମ୍ପା | ଝୁମ୍ପୁଡ଼ି | ଡାମ୍ଫଣ | ଅଜନ୍ତାଗୁମ୍ଫା |

ଝୁମ୍ପୁଡ଼ି ଭିତରେ କେମ୍ପାଟିଏ ରହୁଥାଏ । ତାକୁ ଥରେ ଜ୍ୱର ହେଲା । ସେ କମ୍ପି କମ୍ପି ଭିକ୍ଷା ମାଗିବାକୁ ଗଲା । ବାଟରେ ତାକୁ ଭାରି ଶୋଷ ହେଲା । ପାଖରେ ଏକ ବାମ୍ଫୀ ଦେଖିଲା । ସେଥିରୁ କିଛି ଜଳ ଆଣି ପିଇଲା ଓ ବୈଦପାଖକୁ ଗଲା । ବାଟରେ ଏକ ମାଙ୍କଡ଼ ଗଛ ଉପରୁ ତଳକୁ ଲମ୍ଫ ଦେଲା । କେମ୍ପାଟି ଦେଖିଲା ଗଛ ଡାଳରେ ଅନେକ ଚଢ଼େଇ ବସି ଖୁମ୍ପାଖୁମ୍ପି ହେଉଛନ୍ତି । ସେ ଖାଲି ଡବାଟିଏ ଧରି ଫମ୍ପା ଆବାଜ କରିବାରୁ ଚଢ଼େଇ ଓ ମାଙ୍କଡ଼ ଚାଲିଗଲେ । ସେ ଆରାମରେ ବୈଦ୍ୟଘରକୁ ଗଲା ।

## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ମ୍ + ପ = ______ ମ୍ + ଫ = ______ ______ + ପ = ମ୍ପ

______ + ଫ = ମ୍ଫ ମ୍ + ______ = ମ୍ପ ମ୍ + ______ = ମ୍ଫ

### ୨. ସଜାଡ଼ି ଲେଖ -

ମ୍ପସନ୍ନ ମ୍ଫଡାଣ

ମ୍ପସଦ ତୀହାଗୁମ୍ଫା

ମ୍ପୁଝୁଡ଼ି ମ୍ଫୀବାଜଳ

ମ୍ପାକସ ନ୍ତାଅଜଗୁମ୍ଫା

### ୩. ଖାଲି ଜାଗାକୁ ପୂରଣ କର ।

ସ ______ ନ୍ନ ଡା ______ ଣ

ସ ______ ଦ ହାତୀଗୁ ______

ଝୁ ______ ଡ଼ି ବା ______ ଜଳ

କ ______ ଅଜନ୍ତାଗୁ ______

### ୪. ଇଂରାଜୀରୁ ଓଡ଼ିଆ କର ।

Stem ______ Empty ______

Wealth ______ Papad ______

Den ______ Tremble ______

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଝୁମ୍ପୁଡ଼ି ଭିତରେ କିଏ ରହୁଥାଏ ?

(ଖ) ବାଟରେ ମାଙ୍କଡ଼ କଅଣ କଲା ?

(ଗ) କେମ୍ପା କ'ଣ କରିବାରୁ ଚଢ଼େଇ ଓ ମାଙ୍କଡ଼ ଚାଲିଗଲେ ?

## ୬. ଶୂନ୍ୟ ଜାଗା ପୂରଣ କର -

(କ) ସେ ________ ଭିକ୍ଷା ମାଗିବାକୁ ଗଲା ।

(ଖ) ପାଖରେ ଏକ ________ ଦେଖିଲା ।

(ଗ) ଗଛ ଡାଳରେ ଚଢ଼େଇମାନେ ________ ହେଉଛନ୍ତି ।

## ୭. ବାକ୍ୟ ଗଢ଼ -

ପିମ୍ପୁଡି

ତେମ୍ପ

ଲମ୍ଫ

## ପାଠ-୯

ମ୍ + ବ = ମ୍ବ　　　　ମ୍ + ଭ = ମ୍ଭ

ମ୍ବ



ମ୍ଭ



# ଆମ୍ବ　　　　କୁମ୍ଭୀର

| | | | |
|---|---|---|---|
| ଶିମ୍ବ | କମ୍ବଳ | ଦମ୍ଭ | କୁମ୍ଭାଟୁଆ |
| ଲମ୍ବ | ସମ୍ବଳ | ରମ୍ଭା | ଆରମ୍ଭ |
| ତମ୍ବା | ଅମ୍ବର | ଶୁମ୍ଭ | ଗମ୍ଭୀର |
| ନିମ୍ବ | ସମ୍ବାଦ | କୁମ୍ଭାର | ଅସମ୍ଭାଳ |

ସୁବାସ ଆମ୍ବର ମୁକୁଳ । ବାମ୍ଭୀର ଜଳ ସୁଶୀତଳ ।

## ପରିଶ୍ରମର ଫଳ

ସମ୍ବଲପୁରର ବିଶ୍ୱମ୍ଭରବାବୁ ଦିନେ ତାଙ୍କ ଆମ୍ବ ବଗିଚାଆଡ଼େ ବୁଲିବାକୁ ବାହାରିଲେ । ତାଙ୍କ ବଗିଚାରେ ଆମ୍ବ, ଡାଳିମ୍ବ, ଲିଚୁ, ସପେଟା, ନିମ୍ବ, ଲେମ୍ବୁ, ଶିମ୍ବ, ଖମ୍ବଆଳୁ ପ୍ରଭୃତି ଗଛ ଅଛି । ସେହି ବଗିଚାଟି ହେଉଛି ତାଙ୍କର ଏକମାତ୍ର ସମ୍ବଳ । ତାଙ୍କ ପୁଅ ଶୁମ୍ଭ ଓ ଝିଅ ରମ୍ଭା ବେଳେବେଳେ ବଗିଚା କାମ କରନ୍ତି । ସେମାନେ ଏ ବର୍ଷ କଲମୀ ଆମ୍ବ ବଗିଚା ଆରମ୍ଭ କରିଛନ୍ତି । ଗଛରେ ଅନେକ ପ୍ରକାରର ପକ୍ଷୀ

ବାସ କରନ୍ତି । କଜଳପାତି ଓ କୁମ୍ଭାଟୁଆ ବସା ଆମ୍ବଗଛରେ ଅଛି । ଏ ବର୍ଷ ପବନରେ ଅନେକ ବଡ଼ବଡ଼ ଆମ୍ବ ଓ ଡାଳିମ୍ବ ଗଛ ଭାଙ୍ଗି ପଡ଼ିଛି । ତଥାପି ବିଶ୍ୱମ୍ଭର ଦୁଃଖରେ ଅସମ୍ଭାଳ ନ ହୋଇ ମନରେ ଦମ୍ଭ ରଖି ବଗିଚା କାମରେ ମନଦେଲେ । ବାଡ଼ିର ଆମ୍ବ, ଲେମ୍ବୁ, ଡାଳିମ୍ବ, ସମ୍ବଲପୁର ବଜାରରେ ବିକି ସେ ଅନେକ ଟଙ୍କା ରୋଜଗାର କରିବା ପାଇଁ ଆଶା ବାନ୍ଧିଲେ ।

## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ମ୍ + ବ = ________ ମ୍ + ଭ = ________

______ + ______ = ମ୍ବ ______ + ______ = ମ୍ଭ

### ୨. ସଜାଡ଼ି ଲେଖ -

| | | |
|---|---|---|
| ଲିଡାମ୍ବ | ମ୍ଭାକୁର | ମ୍ଭାକୁଟୁଆ |
| ମ୍ବକଲ | ମ୍ଭୀକୁର | ମ୍ଭବିଶ୍ୱର |
| ମ୍ବସଲ | ମ୍ଭୀଗର | ମ୍ଭାସଅଲ |
| ମ୍ବଅର | ମ୍ଭଆର | ମ୍ବସଲପୁର |

### ୩. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Mango | ________ | Lemon | ________ |
| Possible | ________ | Sky | ________ |
| Copper | ________ | Start | ________ |
| Potter | ________ | Crocodile | ________ |

## ୪. ଖାଲି ଜାଗାକୁ ପୂରଣ କର ।

ସ______ଲପୁର        କ______ଳ        ଡାଳି______

କୁ______ର        କୁ______ଟୁଆ        ବିଶ୍ୱ______ର

ଅସ______ଳ        ଅଜା______ଳ

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ବିଶ୍ୱମ୍ଭର ବାବୁଙ୍କ ଘର କେଉଁଠି ?

(ଖ) ସେ କେଉଁଆଡ଼େ ବୁଲିବାକୁ ବାହାରିଲେ ?

(ଗ) ବିଶ୍ୱମ୍ଭରବାବୁଙ୍କ ବଗିଚାରେ କେଉଁସବୁ ଗଛ ଅଛି ?

(ଘ) ବିଶ୍ୱମ୍ଭରବାବୁ ବଜାରରେ କ'ଣ ବିକି ଟଙ୍କା ରୋଜଗାର କରନ୍ତି ?

(ଙ) ବଗିଚାରେ କେଉଁ ପକ୍ଷୀମାନେ ରହନ୍ତି ?

## ୬. ବାକ୍ୟ ଗଢ଼ -

ଆମ୍ବ

ଡାଳିମ୍ବ

କୁମ୍ଭୀର

ଅସମ୍ଭାଳ

# ପାଠ-୧୦

କ୍ + କ = କ୍କ

କ୍ + ଟ = କ୍ଟ

କ୍କ



କୁକ୍କୁଟ

କ୍ଟ



ଟ୍ରାକ୍ଟର

| | | |
|---|---|---|
| ଧକ୍କା | ଧିକ୍କାର | ହେକ୍ଟର |
| ପକ୍କା | ଚିକ୍କଣ | କଲେକ୍ଟର |
| ଥକ୍କା | | ଡକ୍ଟର |

ସହରରେ ଅନେକ ପକ୍କାଘର ଥାଏ । ତା'ର କାନ୍ଥ ଓ ତଳ ସବୁ ଚିକ୍କଣ ଦେଖାଯାଏ । ଏକ ପକ୍କାଘରେ ମହାଦେବବାବୁ ରହନ୍ତି । ସେ ଅନେକ କୁକ୍କୁଟ ରଖିଛନ୍ତି । ବେଳେବେଳେ ସେ କୁକ୍କୁଟଗୁଡ଼ିକୁ ବଜାରରେ ବିକ୍ରି କରନ୍ତି । ତାଙ୍କ ପାଖରେ ଟ୍ରାକ୍ଟର ଅଛି । ସେଥିରେ ସେ ହେକ୍ଟର ହେକ୍ଟର ଜମି ଚାଷ କରନ୍ତି । କଲେକ୍ଟର ତାଙ୍କର କାମ ଦେଖି ଅତ୍ୟନ୍ତ ଖୁସି ହେଲେ ।



# ତୁମ ପାଇଁ କାମ

## ୧. ଅଭ୍ୟାସ କର -

କ୍ + କ = ________      କ୍ + ଟ = ________

## ୨. ସଜାଡ଼ି ଲେଖ -

କ୍କାଧିର      ରହେକ୍ଟ

କ୍କଚିଣ      ଲେକକ୍ଟର

## ୩. ଖାଲି ଜାଗାକୁ ପୂରଣ କର ।

ଧି________ର      ଚି________ଣ

ହେ________ର      ଡ________ର

## ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Cock | ________ | Tractor | ________ |
| Push | ________ | Doctor | ________ |

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) କିଏ ମହାଦେବ ବାବୁଙ୍କ ଜମି ଦେଖି ଖୁସି ହେଲେ ?

(ଖ) ମହାଦେବବାବୁ କୁକ୍କୁଟଗୁଡ଼ିକୁ କ'ଣ କରନ୍ତି ?

# ପାଠ-୧୧

କ୍ + ତ = କ୍ତ    କ୍ + ସ = କ୍ସ

କ୍ତ



ମୁକ୍ତା

କ୍ସ



ବାକ୍ସ

| | | | | |
|---|---|---|---|---|
| ରକ୍ତ | ଭକ୍ତି | ଯଥାଶକ୍ତି | ରିକ୍ସା | ବକ୍ସିସ୍ |
| ଶକ୍ତ | ଚୁକ୍ତି | ଶକ୍ତିମାନ | ନକ୍ସା | ନକ୍ସଲ୍ |
| ବକ୍ତା | ଆସକ୍ତ | ଯୁକ୍ତାକ୍ଷର | ବକ୍ସି | ଟ୍ୟାକ୍ସି |

## ଭକ୍ତର ଭକ୍ତି

ଦିନେ ଜଣେ ଭକ୍ତ ନିଜ ଜପାମାଳିଟିକୁ ଧରି ସଡ଼କରେ ଯାଉଥିଲେ । ସଡ଼କ କଡ଼ରେ ଜଣେ ବ୍ୟକ୍ତି ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ । ତାଙ୍କୁ ଦେଖି ସେ ଅଟକିଗଲେ । କ୍ଷତାକ୍ତ ପଥିକଟିକୁ ପାଣି ଛିଞ୍ଚି ତା'ର ଚେତା ଫେରାଇ ଆଣିଲେ । କିଛି ଲୋକଙ୍କୁ ପାଖକୁ ଡାକି ଟ୍ୟାକ୍ସି ସାହାଯ୍ୟରେ କ୍ଷତାକ୍ତ ରୋଗୀଟିକୁ ଡାକ୍ତରଖାନା ନେଇଗଲେ । ସେଠି ସେ ରୋଗୀ ପାଖରେ ଜଗି ରହିଲେ । ରୋଗୀଟିର ରକ୍ତ ଆବଶ୍ୟକ ହେବାରୁ ଭକ୍ତ ଜଣଙ୍କ ନିଜ ରକ୍ତ ତାଙ୍କୁ ଦାନ କଲେ

। ରୋଗୀଟି ରକ୍ତ ବିନା ମରିଯାଇଥାନ୍ତା ବୋଲି ଡାକ୍ତରମାନେ କହୁଥିଲେ । ରୋଗୀଟି ଭଲ ହେଲା ପରେ ଭକ୍ତଟିକୁ ପାଖକୁ ଡାକି କିଛି ବକ୍ସିସ୍ ଦେବାକୁ ଚାହିଁଲେ । ଭକ୍ତଟି କହିଲେ ମୁଁ ଭଗବାନଙ୍କୁ ଭକ୍ତି କରେ ଓ ପ୍ରତ୍ୟେକ ଜୀବ ଭିତରେ ତାଙ୍କୁ ଦେଖିପାରେ । ମୁଁ ଯଥାଶକ୍ତି ମୋର କର୍ମ କରିଛି ଏବଂ ମୋର ଭଗବାନଙ୍କୁ ସେବା କରିଛି । ସେଥିପାଇଁ ମୁଁ ବକ୍ସିସ୍ ନେଇପାରିବି ନାହିଁ । ଏହା କହି ସେ ସେଠାରୁ ବିଦାୟ ନେଲେ । ରୋଗୀଟି ଉପକାରୀ ବନ୍ଧୁଙ୍କ ଯିବା ବାଟକୁ ଚାହିଁରହିଲେ ।





## ତୁମ ପାଇଁ କାମ

**୧. ଅଭ୍ୟାସ କର -**

କ୍ + ତ = ________  କ୍ + ସ = ________

**୨. ସଜାଡ଼ି ଲେଖ -**

| | | |
|---|---|---|
| ସଆକ୍ତ | ଭବିକ୍ତ | ଥାଯଶକ୍ତି |
| କ୍ତାଯୁକ୍ଷର | କ୍ତିଶମାନ୍ | କ୍ସିବସ୍ |

## ୩. ଖାଲି ଜାଗାକୁ ପୂରଣ କର ।

| | |
|---|---|
| ଯଥାଶ_____ | ବିଭ_____ |
| ଆସ_____ | ଯୁ_____କ୍ଷର |
| ଶ_____ମାନ | ବ_____ ଜଗବନ୍ଧୁ |

## ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Pearl | __________ | Blood | __________ |
| Energy | __________ | Box | __________ |
| Speaker | __________ | Disciple | __________ |

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) କିଏ ସଡ଼କରେ ଯାଉଥିଲେ ?

(ଖ) କାହାକୁ ପାଣି ଛିଞ୍ଚି ଚେତା ଫେରାଇ ଆଣିଲେ ?

(ଗ) ରୋଗୀଟି ଭଲ ହେଲା ପରେ କ'ଣ କଲା ?

(ଘ) ରୋଗୀଟି କ'ଣ ବିନା ମରିଯାଇଥାନ୍ତା ବୋଲି ଡାକ୍ତର କହିଲେ ?

## ୬. ଶୂନ୍ୟଜାଗା ପୂରଣ କର -

(କ) ମୁଁ _______ ନେଇପାରିବି ନାହିଁ ।

(ଖ) ଭକ୍ତଟି କହିଲେ ମୁଁ ଭଗବାନଙ୍କୁ _______ କରେ ।

(ଗ) ରୋଗୀଟି _______ ବିନା ମରିଯାଇଥାନ୍ତା ।

## ୭. ବାକ୍ୟ ଗଠନ କର -

| | |
|---|---|
| ମୁକ୍ତା - | ରକ୍ତ - |
| ବାକ୍ସ - | ବକ୍ତା - |

# ପାଠ-୧୨

ଗ୍ + ଦ= ଗ୍ଦ

ଗ୍ + ଧ = ଗ୍ଧ

ଗ୍ଦ



ବାଗ୍ଦେବୀ

ଗ୍ଧ




ଦୁଗ୍ଧ

| | | |
|---|---|---|
| ବାଗ୍ଦାତା | ଦଗ୍ଧ | ବିଦଗ୍ଧ |
| ସ୍ନିଗ୍ଧା | ସ୍ନିଗ୍ଧ | ସନ୍ଦିଗ୍ଧ |
| ମୁଗ୍ଧା | ମୁଗ୍ଧ | |

ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ଦିନ ମାଆ ବାଗ୍ଦେବୀଙ୍କର ପବିତ୍ର ପୂଜା ହୋଇଥାଏ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସକାଳୁ ସ୍ନାନ କରି ଫୁଲ ଓ ପ୍ରସାଦସାମଗ୍ରୀ ଏକାଠି କରନ୍ତି । ଦୁଗ୍ଧ, ଦହି, ମହୁ, ଗୁଡ଼, ଘିଅ ପ୍ରଭୃତି ପଞ୍ଚାମୃତ କରିବା ପାଇଁ ଏବଂ ଗୁଗ୍‌ଗୁଳର ସୁବାସରେ ଦେବୀଙ୍କୁ ମୁଗ୍ଧ କରିବା ପାଇଁ ସ୍ନିଗ୍ଧା ପୂଜାଥାଳିରେ ସଜାଡ଼ି ଧରିଲା । ସାନଭାଇକୁ ନୂଆ ପୋଷାକ ପିନ୍ଧାଇ ସାଙ୍ଗରେ ନେଲା । ବାଟରେ ମୁଗ୍ଧାଘରକୁ ଯାଇ ତାକୁ ମଧ ସାଙ୍ଗରେ ନେଲା । ପଣ୍ଡିତଙ୍କ ଆଗମନ ପରେ ବୀଣାପାଣିଙ୍କ ପୂଜା ଆରମ୍ଭ ହେଲା । ସବୁ ଶିକ୍ଷାର୍ଥୀମାନେ ଏକାଠି ହୋଇ ଶେଷରେ ବାଗ୍ଦେବୀଙ୍କୁ ଆଳତୀ କରି ଫୁଲ ଆଞ୍ଜୁଳି ସମର୍ପଣ କଲେ ।

ନଡ଼ିଆ, ଉଖୁଡ଼ା, କଦଳୀ, ବୁନ୍ଦି ପ୍ରଭୃତି ପ୍ରସାଦ ସେବନ କରି ସ୍ନିଗ୍ଧା ଓ ମୁଗ୍ଧା ଖୁସିରେ ଘରକୁ ଫେରିଲେ । ବିଦ୍ୟାଳୟର ଅନ୍ୟାନ୍ୟ ଛାତ୍ରଛାତ୍ରୀ ମୁଗ୍ଧ ହୋଇ ପ୍ରସାଦ ସେବନ କଲେ ।



## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ଗ୍ + ଦ= ଗ୍ଦ　　　　ଗ୍ + ଧ = ଗ୍ଧ

### ୨. ସଜାଡ଼ି ଲେଖ -

ଗ୍ଦେବାବୀ　　ଗ୍‌ଗୁଳଗୁ　　ଗ୍ଦାବାତା　　ଗ୍ଧବିଦ

### ୩. ବାକ୍ୟ ଗଢ଼ -

ଦୁଗ୍ଧ, ଗୁଗ୍‌ଗୁଳ, ବାଗ୍ଦେବୀ

### ୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ମାଘମାସ ପଞ୍ଚମୀ ଦିନ କାହାର ପୂଜା ହୋଇଥାଏ ?

(ଖ) ସ୍ନିଗ୍ଧା ପୂଜାଥାଳିରେ କ'ଣ ସବୁ ସଜାଡ଼ିଲା ?

(ଗ) କାହାର ସୁବାସରେ ଦେବୀଙ୍କୁ ମୁଗ୍ଧ କରାଯାଏ ?

### ୫. ଏମିତି ବି ହୁଏ -

ବାଗ୍ଦେବୀ = ବାଗ୍‌ଦେବୀ　　　ଦୁଗ୍ଧ = ଦୁଗ୍‌ଧ

ସନ୍ଦିଗ୍ଧ = ସନ୍ଦିଗ୍‌ଧ　　　ସ୍ନିଗ୍ଧା = ସ୍ନିଗ୍‌ଧା

# ପାଠ-୧୩

ଚ୍ + ଚ = ଚ୍ଚ ଚ୍ + ଛ = ଚ୍ଛ

ଚ୍ଚ



ଟର୍ଚ୍ଚ

ଚ୍ଛ



କଚ୍ଛପ

| | | | | |
|---|---|---|---|---|
| ଉଚ୍ଚ | ଅର୍ଚ୍ଚନ | ପୁଚ୍ଛ | ତୁଚ୍ଛା | ଉଚ୍ଛେଦ |
| ଖର୍ଚ୍ଚ | ଅର୍ଚ୍ଚନା | ଗୁଚ୍ଛ | ସ୍ୱେଚ୍ଛା | ସ୍ୱଚ୍ଛତା |
| ଚର୍ଚ୍ଚ | ଉଚ୍ଚାରଣ | ବର୍ଚ୍ଛା | ଉଚ୍ଛବ | ମୂର୍ଚ୍ଛନା |
| ମୋର୍ଚ୍ଚା | ଚଳଚ୍ଚିତ୍ର | ଇଚ୍ଛା | ବିଚ୍ଛେଦ | ଉଚ୍ଛନ୍ନ |

## ଖାଇ ନପାରି ଅଙ୍ଗୁର ଖଟା

ଦିନେ ବିଲୁଆଟିଏ ଅଙ୍ଗୁର ଖାଇବାକୁ ଇଚ୍ଛା କଲା । ଅଙ୍ଗୁରଗଛ ତଳକୁ ଯାଇ ଉପରକୁ ଦେଖିଲା ଅଙ୍ଗୁର ପେନ୍ଥାଗୁଡ଼ିକ ପାଚି ଝୁଲୁଛି । ହେଲେ ଅଙ୍ଗୁର ପେନ୍ଥାଗୁଡ଼ିକ ବହୁତ ଉଚ୍ଚରେ ଥିଲା । ସେ ଉଚ୍ଚରେ ଥିବା ଅଙ୍ଗୁରକୁ ଦେଖି ମନର ଇଚ୍ଛାକୁ ମନରେ ରଖି ଆରଦିନ ଆସିବ ଭାବି ଚାଲିଗଲା । ପୁଣି ତା' ପରଦିନ ସେ ପାଚିଲା ଅଙ୍ଗୁର ଖାଇବା ପାଇଁ ତା' ମନ ଉଚ୍ଛନ୍ନ ହେଲା । ସେ ତା'ର ପୁଚ୍ଛ ହଲାଇ ଖୁସିରେ ଉଚ୍ଚରେ ଝୁଲୁଥିବା ଅଙ୍ଗୁର ଖାଇବାକୁ ଇଚ୍ଛା କଲା ଓ ଉଚ୍ଚକୁ ବାରମ୍ବାର

ଡେଇଁଲା । ହେଲେ ଅଙ୍ଗୁର ଏତେ ଉଚ୍ଚରେ ଥିଲା ଯେ, ସେ ଯେତେ ଉଚ୍ଛନ୍ନ ହୋଇ ଡେଇଁଲେ ମଧ ଅଙ୍ଗୁର ଲତାର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ । ମନର ଇଚ୍ଛାକୁ ମନରେ ମାରି ମନକୁ ମନ କହିଲା- "ଏ ଫଳର ସ୍ୱାଦଖଟା । ଖାଇଲେ ତୁଚ୍ଛାରେ ମୁହଁ ଖରାପ ହେବ । ତେଣୁ ନ ଖାଇବାଟା ଭଲ ।"



ଏହାପରେ ସେ ଆଉ କେବେ ଅଙ୍ଗୁର ଖାଇବାର ଇଚ୍ଛା କରିନାହିଁ ।

## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ଚ୍ + ଚ = ________ ଚ୍ + ଛ = ________

### ୨. ସଜାଡ଼ି ଲେଖ -

ନାଅର୍ଚ୍ଚ ଳଚଚିତ୍ର ଚାଉରଣ

ଦଚ୍ଛେଉ ଚ୍ଛେବିଦ ନ୍ନଉଚ୍ଛ

### ୩. ଖାଲି ଜାଗାକୁ ପୂରଣ କର ।

ଅ ________ ନା ଚଳ ________ ତ୍ର ଉ ________ ରଣ

ଉ ________ ଦ ବି ________ ଦ ଉ ________ ନ୍ନ

## ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Torch | ____________ | High | ____________ |
| Expenditure | ____________ | Church | ____________ |
| Cinema | ____________ | Tortoise | ____________ |

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ବିଲୁଆଟି କଅଣ ଖାଇବାକୁ ଇଚ୍ଛା କଲା ?

(ଖ) ଅଙ୍ଗୁରପେନ୍ଥାଗୁଡ଼ିକ କେଉଁଠି ଥିଲା ?

(ଗ) ବିଲୁଆଟି ଅଙ୍ଗୁର କାହିଁକି ଖାଇପାରିଲା ନାହିଁ ?

(ଘ) ଶେଷରେ ବିଲୁଆଟି କଅଣ ଭାବି ମନକୁ ବୁଝେଇଲା ?

## ୬. ବାକ୍ୟ ଗଠନ କର -

ଇଚ୍ଛା -

ଉଚ୍ଚ -

ଚଳଚ୍ଚିତ୍ର -

ସ୍ୱଚ୍ଛ -

ଉଚ୍ଛନ୍ନ -

"ମନ ନିର୍ମଳ ସ୍ୱଚ୍ଛ କର, ପ୍ରଭୁଙ୍କ ନାମ ଉଚ୍ଚାରଣ ॥"

## ପାଠ-୧୪

ଜ୍ + ଜ = ଜ୍ଜ    ଜ୍ + ଝ = ଜ୍ଝ

ଜ୍ଜ






ଜ୍ଝ

# କଜ୍ଜ୍ୱଳ    କୁଜ୍ଝଟିକା

| | | |
|---|---|---|
| ମଜ୍ଜା | ଇଜ୍ଜତ | କୁଜ୍ଝଟି |
| ସଜ୍ଜା | ଉଜ୍ଜ୍ୱଳ | ଲଜ୍ଜ୍ୟା |
| ସାଜସଜ୍ଜା | | |

## ଲଜ୍ଜ୍ୟାଶୀଳା ବୋହୂ

ଶୀତ ଋତୁରେ ସମଗ୍ର ଜଙ୍ଗଲିଆ ଜାଗାଗୁଡ଼ିକ ଓ ପାହାଡ଼ିଆ ଅଞ୍ଚଳଗୁଡ଼ିକ କୁଜ୍ଝଟିକାମୟ ଦେଖାଯାଏ । ଲଜ୍ଜ୍ୟାଶୀଳା ନୂଆବୋହୂଟି ମୁଣ୍ଡରେ ଓଢ଼ଣା ଦେଇ ପୂଜାର ସାଜସଜ୍ଜା ଦେଖିବାକୁ ବାହାରିଲା । ଫେରିଲାବେଳେ ଅନେକ ରାତି ହେବାରୁ ତା' ଦେହରେ କୁଜ୍ଝଟିକା ପଡ଼ିଲା । ସେ ଲଜ୍ଜାରେ କାହାକୁ କିଛି କହିଲା ନାହିଁ । ଜହ୍ନ ଆଲୁଅରେ ସବୁଆଡ଼ ଉଜ୍ଜ୍ୱଳ ଦେଖାଯାଉଥିଲା । ଦୁର୍ଗାପୂଜାରେ ଅନେକ ଉଜ୍ଜ୍ୱଳ ଆଲୋକ ସଜା ହୋଇଥିବା ଦେଖି ସେ ବହୁତ ଖୁସି ହୋଇଥିଲା ।



## ତୁମ ପାଇଁ କାମ

**୧. ଅଭ୍ୟାସ କର -**

ଜ୍ + ଜ = ________ ଜ୍ + ଝ = ________

**୨. ସଜାଡ଼ି ଲେଖ -**

ଜ୍ୱକଳ, ଜ୍ୱଉଳ, ଜ୍ଝକୁଟିକା

**୩. ଖାଲି ଜାଗା ପୂରଣ କର ।**

ଜ୍ୱ________ଳ ଉ________ଳ

ସାଜସ________ କୁ________ଟିକା

**୪. ଇଂରାଜୀରୁ ଓଡ଼ିଆ କର ।**

Bright ____________ Decoration ____________

**୫. ପ୍ରଶ୍ନଗୁଡ଼ିକର ଉତ୍ତରଦ ଲେଖ -**

(କ) ଶୀତଋତୁରେ ଜଙ୍ଗଲିଆ ଜାଗାଗୁଡ଼ିକ କେମିତି ଦେଖାଯାଏ ?

(ଖ) ନୂଆବୋହୂଟି କେଉଁଠିକି ଗଲା ?

(ଗ) ଫେରିବାବେଳେ ନୂଆବୋହୂ ଦେହରେ କ'ଣ ପଡ଼ିଲା ?

**୬. ବାକ୍ୟ ଗଠନ କର -**

ସାଜସଜ୍ଜା -

ଲଜ୍ୟା -

## ପାଠ-୧୫

ଜ୍ଞ — ଜ୍ + ଞ = ଜ୍ଞ

ଟ୍ଟ — ଟ୍ + ଟ = ଟ୍ଟ



ଯଜ୍ଞ



ଅଟ୍ଟାଳିକା

| | | | |
|---|---|---|---|
| ଅଜ୍ଞ | ଜ୍ଞାତି | ପଟ୍ଟ | ଅଟ୍ଟକ |
| ବିଜ୍ଞ | ପ୍ରତିଜ୍ଞା | ପଟ୍ଟା | ଅଟ୍ଟହାସ୍ୟ |
| ପ୍ରଜ୍ଞା | ଅଜ୍ଞାନ | ପଟ୍ଟୁ | ପଟ୍ଟଶିଷ୍ୟ |

## ଜ୍ଞାନୀ ନଚିକେତା

ଋଷି ବାଜଶ୍ରବା ଏକ ଯଜ୍ଞ କଲେ । ସେ ଯଜ୍ଞରେ ଅନେକ ଜ୍ଞାନୀ ଓ ବିଜ୍ଞ ଲୋକ ଆସିଥିଲେ । ବାଜଶ୍ରବାଙ୍କ ଜ୍ଞାନରେ ପଟ୍ଟୁତା ଥିଲା । ଯଜ୍ଞ ଶେଷରେ ଋଷି ଅତିଥିମାନଙ୍କୁ ଦାନ ଓ ଦକ୍ଷିଣା ଦେଲେ । ଦାନ ଦେଉ ଦେଉ ଶେଷରେ ସବୁକିଛି ସରିଗଲା । ଋଷି ରୁଗ୍‌ଣ ଗାଈଗୁଡ଼ିକୁ ମଧ ଦାନ ଦେଇ ଯଜ୍ଞଫଳ ପାଇବାର ଆଶା ରଖିଲେ । ତାଙ୍କର ପଟ୍ଟଶିଷ୍ୟମାନେ ତାଙ୍କ ଯଜ୍ଞ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଋଷିଙ୍କ



ପୁତ୍ର ନଚିକେତା ଏହା ଦେଖି ବାପାଙ୍କୁ ପଚାରିଥିଲେ "ମୋତେ କାହାକୁ ଦାନ କଲ ?" ବାରମ୍ବାର ଏ ପ୍ରଶ୍ନ ପଚିରାବିରୁ ରାଗିଯାଇ ଋଷି କହିଲେ "ତୋତେ ଯମକୁ ଦାନ କଲି" । ତେଣୁ ନଚିକେତା ପିତୃଆଜ୍ଞା ପାଳନ ପାଇଁ ଯମପୁର ଯାଇ ସଦେହରେ ପ୍ରତିଜ୍ଞା ପୂରଣ କରି ଜ୍ଞାନୀ ହୋଇ ଫେରିଆସିଲେ ।

## ଆସ ମନେରଖିବା

ମାତୃଭୂମି ମାତୃଭାଷାର ମମତା
ଯା ହୃଦେଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।

- କବି ଗଙ୍ଗାଧର ମେହେର



## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ଜ୍ + ଞ = ________ ଟ୍ + ଟ = ________

### ୨. ସଜାଡ଼ି ଲେଖ -

ତିପ୍ରଜ୍ଞା, ଜ୍ଞାବିନ, ଜ୍ଞାଅନ, ଟାଅଳିକା, ଟପଶିଷ୍ୟ

## ୩. ଇଂରାଜୀରୁ ଓଡ଼ିଆ କର ।

Science-________ Expert-________ Order-________
Promise-________ Intelligent-________ Building-________

## ୪. ଖାଲି ଜାଗା ପୂରଣ କର ।

ପ୍ରତି________ ବି________ନ
ଅ________ନ ଅ________ଳିକା
ପ________ଶିଷ୍ୟ ପ୍ର____ଜ୍ଞା

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଯଜ୍ଞରେ କେଉଁମାନେ ଆସିଥିଲେ ?

(ଖ) ଋଷି ବାଜଶ୍ରବାଙ୍କ ପୁତ୍ରଙ୍କ ନାମ ଲେଖ ?

(ଗ) ଋଷି ଶେଷରେ କାହାକୁ ଦାନ ଦେଲେ ?

(ଘ) ନଚିକେତା ପିତୃଆଜ୍ଞା କିପରି ପାଳନ କଲେ ?

## ୬. 'କ' ବିଭାଗରୁ 'ଖ' ବିଭାଗ ସହ ମିଶାଅ -

| କ | ଖ |
|---|---|
| ଜ୍ଞାନ | ଅଟ୍ଟହାସ୍ୟ |
| ଅଟ୍ଟାଳିକା | ପଟ୍ଟଶିଷ୍ୟ |
| ପଟ୍ଟୁ | ପ୍ରତିଜ୍ଞା |
| ଯଜ୍ଞ | ବିଜ୍ଞାନ |

## ପାଠ-୧୬

ତ୍ + କ = ତ୍କ — ତ୍କ



# ଉତ୍କଳମଣି

ତ୍ + ତ = ତ୍ତ — ତ୍ତ



# ନର୍ତ୍ତକୀ

| | | | |
|---|---|---|---|
| ଉତ୍କଳ | ଉତ୍କଟ | ମୂର୍ତ୍ତି | ମତ୍ତହସ୍ତୀ |
| ତତ୍କାଳ | ଉତ୍କଣ୍ଠା | ଉତ୍ତମ | ପ୍ରବୃତ୍ତି |
| ସତ୍କାର | ଉତ୍କଳୀୟ | ଉତ୍ତର | ମୃତ୍ତିକା |

## ଉତ୍କଳମଣି ଗୋପବନ୍ଧୁ

ଗୋପବନ୍ଧୁ ଜଣେ ଉତ୍ତମ ପରୋପକାରୀ ପୁରୁଷ । ଉତ୍କଳବାସୀ ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ । ତାଙ୍କ ଦ୍ୱାରକୁ ଆସିଥିବା ଅତିଥି ଉତ୍ତମ ସତ୍କାର ଓ ସେବା ପାଇ ଫେରେ । ଉତ୍କଳରେ ସେ ସମୟରେ ଉତ୍କଟ ମରୁଡ଼ି ଓ ବନ୍ୟା ଦେଖାଦେଇଥିଲା । ଉତ୍କଳମଣି ଉତ୍କଳର ବନ୍ୟାଞ୍ଚଳ ବୁଲି ଲୋକଙ୍କୁ ଖାଦ୍ୟ ଓ ପୋଷାକ ଯୋଗାଇ ଦେଇଥିଲେ । ସେ ଯେଉଁଆଡ଼େ ଯାଉଥିଲେ ଲୋକେ ତାଙ୍କୁ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହୁଥିଲେ । ଦୁଃଖ ସମୟରେ ପୀଡ଼ିତମାନଙ୍କର ଆର୍ତ୍ତଚିତ୍କାର ଶୁଣି ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଉତ୍କଣ୍ଠିତ ହୋଇ

ଉଠୁଥିଲେ । ସେବା ହିଁ ତାଙ୍କର କର୍ତ୍ତବ୍ୟ ଥିଲା । ଆମେ ଉତ୍କଳବାସୀ ତାଙ୍କ ସତ୍ତାକୁ କେବେ ଭୁଲିପାରିବା ନାହିଁ । ତାଙ୍କର ମୂର୍ତ୍ତି ରଖି ଏବେ ମଧ ଆମେ ତାଙ୍କୁ ମନେ ପକାଉଛୁ ।

## ତୁମ ପାଇଁ କାମ

**୧. ଅଭ୍ୟାସ କର -**

ତ୍ + କ = ________ ତ୍ + ତ = ________

**୨. ସଜାଡ଼ି ଲେଖ -**

ତ୍କଉଳ, ତ୍କାତଳ, ତ୍କାସର, ତ୍କାଚିର, ତ୍କଉଳୀୟ, ତ୍ତମହସ୍ତୀ, ରଉତ୍ତ, ମଉତ୍ତ, ତ୍ତିମୃକା

**୩. ଇଂରାଜୀରୁ ଓଡ଼ିଆ କର ।**

Dancer ________ Statue ________

Answer ________ Soil ________

Excite ________ Instant ________

**୪. ଖାଲି ଜାଗା ପୂରଣ କର ।**

ନ________କୀ ଉ________ର

ଉ________ଳୀୟ ଚି________ର

ସ________ର ଉ________ଳ

## ୫. ବାକ୍ୟଗୁଡ଼ିକ ପୂର କର -

ଗୋପବନ୍ଧୁ ଜଣେ ________ ପରୋପକାରୀ ପୁରୁଷ ।

ଉତ୍କଳବାସୀ ତାଙ୍କ ________କୁ କେବେ ଭୁଲିପାରିବେ ନାହିଁ ।

ସେବା ହିଁ ତାଙ୍କର ________ ଥିଲା ।

## ୬. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ମରୁଡ଼ି ଓ ବନ୍ୟା କେଉଁଠାରେ ଦେଖାଦେଇଥିଲା ?

(ଖ) ଉତ୍କଳମଣି କ'ଣ କରି ଲୋକମାନଙ୍କୁ ସାହାଯ୍ୟ କରିଥିଲେ ?

(ଗ) ସେ କ'ଣ କରିବା ପାଇଁ ଉତ୍କଣ୍ଠିତ ହେଉଥିଲେ ?

## ୭. 'କ' ବିଭାଗକୁ 'ଖ' ବିଭାଗ ସହ ମିଳାଅ -

| କ | ଖ |
|---|---|
| ଉତ୍କଳମଣି | ସତ୍କାର |
| ନର୍ତ୍ତକୀ | ଉତ୍ତର |
| ପ୍ରଶ୍ନ | ନୃତ୍ୟ |
| ଅତିଥି | ଗୋପବନ୍ଧୁ ଦାସ |

# ପାଠ-୧୭

ତ୍ + ଥ = ତ୍ଥ　　　　ତ୍ + ସ = ତ୍ସ

ତ୍ଥ　　　　ତ୍ସ



## ଅଶ୍ୱତ୍ଥ ବୃକ୍ଷ



## ମତ୍ସ୍ୟ

| | | |
|---|---|---|
| କପିତ୍ଥ | ବତ୍ସ | ଉତ୍ସର୍ଗ |
| ଉତ୍ଥାନ | ଉତ୍ସ | ସମ୍ବତ୍ସର |
| ଅଶ୍ୱତ୍ଥମା | ବତ୍ସା | ଉତ୍ସବ |
| ଉତ୍ଥାପନ | ଉତ୍ସାହ | ବାତ୍ସଲ୍ୟ |

## ଅଶ୍ୱତ୍ଥର ମହିମା

ଅଶ୍ୱତ୍ଥ ବୃକ୍ଷ ହିନ୍ଦୁଧର୍ମର ଏକ ମୁଖ୍ୟ ଆଧାର । ବର ଓ ଅଶ୍ୱତ୍ଥ ଗଛ ତଳେ ଭକ୍ତମାନେ ଦୀପ ଜାଳି ନିଜର ଉତ୍ଥାନ ପାଇଁ ଭଗବାନଙ୍କ ପାଖରେ ଗୁହାରି କରନ୍ତି । ଶ୍ରୀବତ୍ସବାବୁ ପ୍ରତି ସଂକ୍ରାନ୍ତି ଦିନ ଗାଁ ମୁଣ୍ଡରେ ଅଶ୍ୱତ୍ଥ ବୃକ୍ଷ ତଳେ ଏକ ବିରାଟ ଉତ୍ସବର ଆୟୋଜନ କରିଥାନ୍ତି । ଏହି ଉତ୍ସବରେ ଉତ୍ସାହୀ ଭକ୍ତମାନେ ଉତ୍ସାହିତ ହୋଇ ଭଜନ



କୀର୍ତ୍ତନ କରିଥାନ୍ତି । ପଣାସଂକ୍ରାନ୍ତି ଦିନ ହନୁମାନଙ୍କ ପୂଜାଉତ୍ସବ ଖୁବ୍ ଧୁମ୍‌ଧାମ୍‌ରେ ଅଶ୍ୱତ୍ଥ ଗଛ ତଳେ ପାଳନ କରାଯାଏ । ସେ ଅଶ୍ୱତ୍ଥ ଗଛଠାରୁ କିଛି ଦୂରରେ ଏକ କପିତ୍ଥ ଗଛ ଅଛି । ଯେଉଁଥିରେ ଅନେକ କପିତ୍ଥ ଫଳିଥାଏ । ପାଚିଲା କପିତ୍ଥ ତୋଳି ଉତ୍ସାହୀ ଭକ୍ତମାନେ ନିଜ ଘରକୁ ନେଇ ଯାଆନ୍ତି । ଶ୍ରୀବତ୍ସବାବୁ ଉଦ୍‌ବୋଧନ ଦେଇ କହନ୍ତି -



ଉତ୍ସାହୀ ବନ୍ଧୁ ଉତ୍ସାହ ନେଇ
ଉତ୍ସବେ ଥରେ ମିଶ,
ଉତ୍ସାହନୀୟ କାମ କରିଲେ
ଜୀବନେ ପାଇବ ଯଶ ।

## ତୁମ ପାଇଁ କାମ

**୧. ଅଭ୍ୟାସ କର -**

ତ୍ + ଥ = ________ ତ୍ + ସ = ________

**୨. ସଜାଡ଼ି ଲେଖ -**

ତ୍ଥକପି, ତ୍ସାଉନ, ଶ୍ୱଅତ୍ଥାମା, ତ୍ସାଉପନା, ତ୍ସଉବ, ର୍ଗଉତ୍ସ, ତ୍ସାଉହିତ

**୩. ଇଂରାଜୀରୁ ଓଡ଼ିଆ କର ।**

Festival________ Peepal tree________ Fish________

## ୪. ଖାଲି ଜାଗା ପୂରଣ କର ।

ଅଶ୍ୱ______ବୃକ୍ଷ    କପି______    ଅଶ୍ୱ______ମା

ଉ______ନ    ଉ______ବ    ଉ______ହିତ

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଭକ୍ତମାନେ କେଉଁ ଗଛ ତଳେ ପୂଜା କରନ୍ତି ?

(ଖ) ଶ୍ରୀବତ୍ସବାବୁ ସଂକ୍ରାନ୍ତି ଦିନ କଅଣ କରନ୍ତି ?

(ଗ) ଉତ୍ସବରେ ଭକ୍ତମାନେ କଅଣ କରନ୍ତି ?

(ଘ) ପଣାସଂକ୍ରାନ୍ତି ଦିନ କଅଣ ହୁଏ ?

(ଙ) ଅଶ୍ୱତ୍ଥ ଗଛଠାରୁ କିଛି ଦୂରରେ କେଉଁ ଗଛ ଅଛି ?

## ୬. ବାକ୍ୟ ଗଠନ କର -

ଉତ୍ସବ – ..................................................

ଅଶ୍ୱ – ..................................................

ବାତ୍ସଲ୍ୟ – ..................................................

ମତ୍ସ୍ୟ – ..................................................

# ପାଠ-୧୮

ଡ୍ + ଗ = ଡ୍ଗ

ଡ୍ + ଡ = ଡ୍ଡ

ଡ୍ଗ



ଡ୍ଡ



## ଖଡ୍ଗ

## ଉଡ୍ଡୀୟମାନ

| | | |
|---|---|---|
| ଖଡ୍ଗୀ | ଖଡ୍ଗଧାରୀ | ଗଡ୍ଡାଳିକା |
| ଉଡ୍ଡୀଣ | ଖଡ୍ଗାଘାତ | ଉଡ୍ଡୀନ |

ରାଜା ବିକ୍ରମାଦିତ୍ୟ ହାତରେ ଖଡ୍ଗ ଧରି ରାତ୍ରିରେ ନଗର ଭ୍ରମଣରେ ବାହାରିଲେ । ତାଙ୍କର ଅନେକ ସୈନ୍ୟ ସାମନ୍ତ ମଧ ଖଡ୍ଗ ଧରି ନଗରକୁ ସବୁବେଳେ ପ୍ରହରା ଦେଉଥାନ୍ତି । ରାଜା ଗଲାବେଳେ ବାଟରେ ଏକ ଉଡ୍ଡୀୟମାନ ପକ୍ଷୀକୁ ଦେଖିଲେ । ସେ ବାଟରେ ଏକ ବିଷଧର ସର୍ପ ଦେଖି ତାକୁ ଖଡ୍ଗାଘାତ କରି ମାରିଦେଲେ ।



ଖଡ୍ଗ ଅବା ଖଣ୍ଡାଧରି ଚାଲେ ଖଣ୍ଡାଇତ ।
ଖଡ୍ଗ ଯୋଗୁଁ ଖଡ୍ଗୀ ବୋଲି ଗଣ୍ଡାର ବିଦିତ ।
ବିବିଧ ରଂଗର ପତାକାମାନ ।
ଅଟ୍ଟାଳିକା ଶିରେ ଉଡ୍ଡୀୟମାନ ।

## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ଡ୍ + ଗ = ______

______ + ଗ = ଡ୍ଗ

### ୨. ଖାଲି ଜାଗା ପୂରଣ କର -

ଖ______କ

ଖ______ଘାତ

ଉ______ୟମାନ

### ୩. ସଜାଡ଼ି ଲେଖ -

ଡ୍ଗୀଉୟମାନ, ଡ୍ଗାଖଘାତ

### ୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ରାଜା ବିକ୍ରମାଦିତ୍ୟ ହାତରେ କ'ଣ ଧରି ରାତିରେ ବାହାରିଲେ ?

(ଖ) ରାଜା ଗଲାବେଳେ ବାଟରେ କ'ଣ ଦେଖିଲେ ?

(ଗ) ବିକ୍ରମାଦିତ୍ୟ ବିଷଧର ସର୍ପକୁ କ'ଣ କଲେ ?



# ପାଠ-୧୯

ଦ୍ + ଗ = ଦ୍ଗ

ଦ୍ + ଘ = ଦ୍ଘ

ଦ୍ଗ



ମୁଦ୍ଗର

ଦ୍ଘ




ଉଦ୍ଘାଟନ

| | | |
|---|---|---|
| ମୁଦ୍ଗ | ଉଦ୍ଗୀରଣ | ଉଦ୍ଘୋଷକ |
| ଉଦ୍ଗ୍ରୀବ | ମୁଦ୍ଗରକ | ଉଦ୍ଘୋଷ |
| ଉଦ୍ଗାର | ଜରୋଦ୍ଗବ | ଉଦ୍ଘାଟନ |

କୁମାର ଉତ୍ସବ । ଗଜପତି ରାଜା ଆସିବେ ବୋଲି ସବୁ କାମ ସରିଗଲାଣି । ମନ୍ଦିରର ଉଦ୍ଘାଟନ କରାଯିବ । ତା' ସଙ୍ଗେ ଯୁବକସଂଘର ମଧ୍ୟ ଉଦ୍ଘାଟନ ହେବ । ଏହି ଉଦ୍ଘାଟନ ଉତ୍ସବରେ ଗ୍ରାମର ଗରିବ ପୁରୁଷ ଓ ନାରୀମାନଙ୍କୁ ଉଦ୍ଘୋଷକ ମହାଶୟ ଲୁଗା ଓ କମ୍ବଳ ବାଣ୍ଟିବେ । ଉଦ୍ଘାଟନ ଉତ୍ସବ ଆରମ୍ଭ ହେଲା । ସଭିଏଁ ଗଜପତିଙ୍କୁ ଦେଖିବା ପାଇଁ ଚାହିଁ ରହିଥିଲେ । ଗଜପତି ଆସିଲା ପରେ ଏହି ସଭାରେ ପାଇକମାନେ ମୁଦ୍ଗର ବୁଲାଇ ନିଜର ରଣକୌଶଳ ଦେଖାଇଲେ । ଜରୋଦ୍ଗବ ଭଲ ମୁଦ୍ଗର ଚାଳକ । ଗଜପତି ତାକୁ ପ୍ରଶଂସା କଲେ । ଉଦ୍ଘାଟନୀ ଉତ୍ସବ ପରେ ସଭିଏଁ ପ୍ରସାଦସେବନ କରି ଗୃହକୁ ବାହୁଡ଼ି ଗଲେ ।

## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ଦ୍ + ଗ = ________ ଦ୍ + ଘ = ________

### ୨. ସଜାଡ଼ି ଲେଖ -

ଦ୍ଗମୁର, ଙ୍କୁଅରୋଦ୍ଗମ, ଦ୍ଘୋଉଷକ, ଦ୍ଭୀଉବ, ଦ୍ଘାଉଟନୀ, ଉଷଦ୍ଘୋ

### ୩. ଖାଲି ଜାଗା ପୂରଣ କର ।

ମୁ________ର ଜରୋ________ବ ଉ________ଟନ

ଉ________ବ ଅଙ୍କୁରୋ________ମ ଉ________ଷକ

### ୪. ଇଂରାଜୀରୁ ଓଡ଼ିଆ କର ।

Inauguration ________ Anchor ________

Mallet ________

### ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଗଜପତି ରାଜା କାହିଁକି ଆସିଥିଲେ ?

(ଖ) ଉତ୍ସବରେ କିଏ ଲୁଗା ଓ କମ୍ବଳ ବାଣ୍ଟିଲେ ?

(ଗ) କିଏ ଭଲ ମୁଦ୍ଗର ବୁଲାଇପାରେ ?

(ଘ) ସଭିଏଁ କେତେବେଳେ ଗୃହକୁ ଫେରିଲେ ?

# ପାଠ-୨୦

ଦ୍ + ଦ= ଦ୍ଦ

ଦ୍ + ଧ = ଦ୍ଧ

ଦ୍ଦ



ଉଦ୍ଦଣ୍ଡ

ଦ୍ଧ



ଯୋଦ୍ଧା

| | | |
|---|---|---|
| ଉଦ୍ଦାମ | ଶୁଦ୍ଧ | ରୁଦ୍ଧ |
| ଉଦ୍ଦେଶ୍ୟ | ବୃଦ୍ଧ | ଉଦ୍ଧାର |
| ମର୍ଦ୍ଦନ | ବୁଦ୍ଧି | ବିଶୁଦ୍ଧ |
| ଉଦ୍ଦୀପନା | ସିଦ୍ଧି | ଉଦ୍ଧତ |
| | ଯୁଦ୍ଧ | ବୁଦ୍ଧିମାନ |

## ବୁଦ୍ଧିଆ ପିଲା

ଥରେ ସିଦ୍ଧାର୍ଥ ଓ ତାର ସାଙ୍ଗମାନେ ନଈକୂଳରେ ବୁଲୁଥିଲେ । ସେଥିରେ କେତେଜଣ ଉଦ୍ଦଣ୍ଡ ପିଲା ମଧ ଥିଲେ । ସେ ଉଦ୍ଦଣ୍ଡ ପିଲାମାନଙ୍କ ଉଦ୍ଦେଶ୍ୟ ଥିଲା ଅନ୍ୟମାନଙ୍କୁ ଦୁଃଖ ଦେବା ବା ହଇରାଣ କରିବା । ସିଦ୍ଧୁ ସେମାନଙ୍କ ଭିତରେ ବେଶୀ ଉଦ୍ଧତ ଥିଲା । ସେ ପାଣିରେ ମାଛ ଦେଖାଇବା ବାହାନାରେ ବୁଦ୍ଧିଆକୁ ପାଣି ଭିତରକୁ ଠେଲିଦେଲା । ସବୁ ସାଙ୍ଗମାନେ ଚିତ୍କାର କଲାବେଳକୁ ସେ

ଦୌଡ଼ି ଚାଲିଗଲା । ସଭିଙ୍କ ବୁଦ୍ଧି ହଜିଗଲା । କେମିତି ତାକୁ ପାଣିରୁ ଉଦ୍ଧାର କରିବେ । ସିଦ୍ଧାର୍ଥ ନିଜ ବୁଦ୍ଧି ଖର୍ଚ୍ଚ କରି ଏକ ବଡ଼ ଡାଳ ଭାଙ୍ଗି ପାଣିକୁ ଫୋପାଡ଼ିଲା । ସେ ଗଛଡାଳକୁ ପିଲାମାନେ ଧରିଲେ । ବୁଦ୍ଧିଆ ସେ ଡାଳ ସାହାଯ୍ୟରେ ଉପରକୁ ଉଠିଆସିଲା । ସିଦ୍ଧାର୍ଥ ତା'ର ବୁଦ୍ଧି ବଳରେ ସିଦ୍ଧୁକୁ ବିପଦରୁ ଉଦ୍ଧାର କଲା । ସଭିଏଁ ତା'ର ବୁଦ୍ଧିକୁ ପ୍ରଶଂସା କଲେ । ସିଦ୍ଧାର୍ଥ ଭବିଷ୍ୟତରେ ଜଣେ ଯୋଦ୍ଧା ହେବ ଓ ଦେଶ ପାଇଁ ଯୁଦ୍ଧ କରିବ ବୋଲି ସିଦ୍ଧାନ୍ତ ନେଲା ।





## ତୁମ ପାଇଁ କାମ

**୧. ଅଭ୍ୟାସ କର -**

ଢ, ଢ଼'କୁ ଦଶଥର ଲେଖାଏଁ ଲେଖ।

**୨. ସଜାଡ଼ି ଲେଖ -**

ଢାଉମ, ________ ର୍ଢମନ, ________ ଢାଉର, ________ ଢଉତ

ଢେଉଶ୍ୟ, ________ ଢୀଉପନା, ________ ଶୁବିଢ, ________ ଢିବୁମାନ

**୩. ବୁଦ୍ଧିଆ ପିଲା ବିଷୟରୁ ଢ ଓ ଢ଼ ଅକ୍ଷର ଥିବା ଅଂଶଗୁଡ଼ିକୁ ଏକାଠି କର।**

**୪. ଇଂରାଜୀରୁ ଓଡ଼ିଆ କର।**

War ________ Intelligent ________

Old man ________ Objective ________

**୫. ଖାଲି ଜାଗା ପୂରଣ କର।**

ଉ________ଣ୍ଡ ଉ________ମ ଉ________ଶ୍ୟ

ଉ________ପନା ଉ________ର ବିଶୁ________

ଉ________ତ ବୁ________ମାନ

**୬. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -**

(କ) କେଉଁମାନ ନଈ କୂଳରେ ବୁଲୁଥିଲେ ?

(ଖ) କିଏ ସବୁଠାରୁ ବେଶୀ ଉଦ୍ଧତ ଥିଲା ?

(ଗ) ସିଦ୍ଧାର୍ଥ କ'ଣ କଲା ?

(ଘ) ସିଦ୍ଧାର୍ଥ କ'ଣ କରିବ ବୋଲି ସିଦ୍ଧାନ୍ତ ନେଲା ?

## ପାଠ-୨୧

ଦ୍ + ବ = ଦ୍ବ    ଦ୍ + ଭ = ଦ୍ଭ    ଦ୍ + ଯ = ଦ୍ଯ

ଦ୍ବ



ବୁଦ୍‌ବୁଦ୍

ଦ୍ଭ



ଉଦ୍ଭିଦ

| | | |
|---|---|---|
| ଉଦ୍‌ବୁଦ୍ଧ | ସଦ୍ଭାବ | ଉଦ୍‌ଯୋଗ |
| ଉଦ୍‌ବାହ | ଉଦ୍ଭାସ | ଉଦ୍‌ଯାପିତ |
| ଅଦ୍ଭୁତ | ଉଦ୍ଭାବନ | ଉଦ୍‌ଯାପନ |

## ଉଦ୍‌ଯୋଗ ବିଜ୍ଞାନ

ଆଦିମ ମଣିଷ ଜଙ୍ଗଲରେ ବୁଲୁଥିଲା । ନିଜର ବୁଦ୍ଧି ଓ ଉଦ୍‌ଯୋଗ ବଳରେ ସେ ଆଜି ଚନ୍ଦ୍ରରେ ପହଞ୍ଚିପାରିଛି । ଉଦ୍‌ଯୋଗ ଯୋଗୁଁ ନୂଆ ନୂଆ ଜିନିଷ ଉଦ୍ଭାବନ କରିପାରିଛି । ବିଜ୍ଞାନରେ ଉଦ୍‌ବୁଦ୍ଧ ହୋଇ ଉଦ୍‌ଯୋଗୀ ପିଲାମାନେ ନୂତନ ମେସିନ୍ ଉଦ୍ଭାବନ କରୁଛନ୍ତି । ମାର୍କୋନି ରେଡ଼ିଓ ଉଦ୍ଭାବନ କରିଥିଲେ । ଜନ୍ ବେୟର୍ଡ ଟେଲିଭିଜନ ଉଦ୍ଭାବନ କରିଥିଲେ ବୋଲି ଆଜି ସଭିଏଁ ଉପକୃତ ହୋଇପାରିଛନ୍ତି । ଉଦ୍ଭିଦବିଜ୍ଞାନ ଓ ପ୍ରାଣୀବିଜ୍ଞାନ ଆଜି ଅନେକ ଆଗକୁ ଯାଇପାରିଛି । ତେଣୁ କଥାରେ ଅଛି- "ଉଦ୍‌ଯୋଗ ବଳେ ସର୍ବସିଦ୍ଧି" । ଉଦ୍‌ଯୋଗ ବଳରେ ସବୁ କାର୍ଯ୍ୟରେ ସଫଳତା ଅଛି ।



## ତୁମ ପାଇଁ କାମ

**୧. ଅଭ୍ୟାସ କର -**

ଦ୍ + ବ = ______ ଦ୍ + ଭ = ______ ଦ୍ + ଯ = ______

ଦ୍ବ, ଦ୍ଭ, ଦ୍ଯ'କୁ ତିନିଥର ଲେଖାଏଁ ଲେଖ।

**୨. ସଜାଡ଼ି ଲେଖ -**

ଭିଉଦ, ______ ଭାଉବନ, ______ ଦ୍ଯାଉପିତ, ______ ଭୁଅତ

**୩. ଇଂରାଜୀରୁ ଓଡ଼ିଆ କର।**

| | | | |
|---|---|---|---|
| Plant | ______ | Invention | ______ |
| Bubble | ______ | Strange | ______ |

**୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -**

(କ) କାହା ବଳରେ ମଣିଷ ଆଜି ଚନ୍ଦ୍ରରେ ପହଞ୍ଚି ପାରିଛି ?

(କ) ବିଜ୍ଞାନ ଦ୍ୱାରା କିଏ ଉଦ୍‌ବୁଦ୍ଧ ହେଉଛନ୍ତି ?

(ଗ) ମାର୍କୋନି କ'ଣ କରିଥିଲେ ?

(ଘ) କିଏ ଟେଲିଭିଜନ ଉଦ୍ଭାବନ କରିଥିଲେ ?

**୫. ପାଠ ଭିତରୁ ଯୁକ୍ତାକ୍ଷର ଦ୍ବ , ଦ୍ଭ, ଦ୍ଯ ପଦଗୁଡ଼ିକୁ ବାଛି ଏକାଠି ଲେଖ।**

# ପାଠ-୨୨

ତ୍ + ପ = ତ୍ପ

ପ୍ + ତ = ପ୍ତ

ତ୍ପ



ଉତ୍ପଳ

ପ୍ତ



ସପ୍ତପର୍ଣ୍ଣୀ

| | | | |
|---|---|---|---|
| ତତ୍ପର | ତପ୍ତ | ଉତ୍ତପ୍ତ | ସପ୍ତଶଯ୍ୟା |
| ଉତ୍ପାତ | ସପ୍ତ | ସପ୍ତାହ | ତପ୍ତପାଣି |
| ତାତ୍ପର୍ଯ୍ୟ | ଗୁପ୍ତ | ସପ୍ତମୀ | ଚନ୍ଦ୍ରଗୁପ୍ତ |
| ଉତ୍ପତ୍ତି | ସୁପ୍ତ | ସମାପ୍ତ | ସମୁଦ୍ରଗୁପ୍ତ |
| ଉତ୍ପାଦନ | ପ୍ରାପ୍ତ | ପ୍ରାପ୍ତାଙ୍କ | ଗୁପ୍ତଚର |

## ରାଜା ଚନ୍ଦ୍ରଗୁପ୍ତ

ଇତିହାସରୁ ଜଣାଯାଏ ଗୁପ୍ତବଂଶର ରାଜା ସମୁଦ୍ରଗୁପ୍ତ ଥିଲେ । ତାଙ୍କ ପୁତ୍ର ଚନ୍ଦ୍ରଗୁପ୍ତ ଗୁପ୍ତବଂଶର ଜଣେ ସୁନାମଧନ୍ୟ ଓ ପ୍ରଜାପ୍ରିୟ ରାଜା ଥିଲେ । ସେ ଗୁପ୍ତଚର ବେଶରେ ରାତ୍ରିରେ ରାଜ୍ୟସାରା ବୁଲି ଉତ୍ପାତ କରୁଥିବା ଚୋର ଓ ବଦ୍‌ମାସମାନଙ୍କୁ କାରାଗାରରେ ଭର୍ତ୍ତି କରୁଥିଲେ । ଚନ୍ଦ୍ରଗୁପ୍ତ ସର୍ବଦା ତତ୍ପର ରହି ରାଜ୍ୟବାସୀଙ୍କୁ ସୁଖରେ ରଖିବାକୁ ଚାହୁଁଥିଲେ । ସେ କୌଣସି ବି ଅଭିଯୋଗର

ତାତ୍ପର୍ଯ୍ୟ ନ ବୁଝିଲାଯାଏଁ ସିଦ୍ଧାନ୍ତରେ ପହଞ୍ଚୁ ନଥିଲେ । ଦରବାର କାର୍ଯ୍ୟ ସମାପ୍ତ ହେଲା ପରେ ମଧ୍ୟ ସେ ଗୁପ୍ତ ଭାବରେ ସବୁ ଖବର ରଖୁଥିଲେ । ରାଜ୍ୟବାସୀ ବହୁ ପ୍ରକାର ଶସ୍ୟ ଉତ୍ପାଦନ କରି ସୁଖରେ ରହୁଥିଲେ ।



## ତୁମ ପାଇଁ କାମ

**୧. ଖାଲି ଜାଗା ପୂରଣ କର ।**

| | | |
|---|---|---|
| ଉ____ଳ | ତା____ର୍ଯ୍ୟ | ସମା____ |
| ତ____ର | ଉ____ତ୍ତି | ସ____ଶଯ୍ୟା |
| ଉ____ତ | ଉତ୍ତ____ | ଚନ୍ଦ୍ରଗୁ____ |

**୨. ସଜାଡ଼ି ଲେଖ -**

ପ୍ତଉଳ, ପ୍ତତର, ପ୍ତାଉଦନ, ପ୍ତଉତ୍ତି, ଉଉପ୍ତ, ପ୍ତାସହ, ପ୍ତସମୀ, ମାସପ୍ତ

**୩. ଇଂରାଜୀରୁ ଓଡ଼ିଆ କର ।**

| | | |
|---|---|---|
| Lotus____ | End____ | Week____ |
| Heat____ | Water Lily____ | Spy____ |
| Seven____ | Origin____ | Asleep____ |

## ୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଗୁପ୍ତବଂଶର ରାଜା କିଏ ଥିଲେ ?

(ଖ) ଚନ୍ଦ୍ରଗୁପ୍ତ ଗୁପ୍ତବେଶରେ କ'ଣ କରୁଥିଲେ ?

(ଗ) ଦରବାର କାର୍ଯ୍ୟ ସରିଲା ପରେ ସେ କଅଣ କରୁଥିଲେ ?

## ୫. ଶୂନ୍ୟଜାଗାକୁ ପୂରଣ କର ।

(କ) ସେ ରାଜ୍ୟସାରା ବୁଲି ______________ କରୁଥିବା ଚୋର ଓ ବଦ୍‌ମାସମାନଙ୍କୁ କାରାଗାରରେ ______________ କରୁଥିଲେ ।

(ଖ) ଚନ୍ଦ୍ରଗୁପ୍ତ ସର୍ବଦା ---- ରହି ସୁଖରେ ରହିବାକୁ କହୁଥିଲେ ।

(ଗ) ରାଜ୍ୟବାସୀ ଶସ୍ୟ ---- କରି ସୁଖରେ ରହୁଥିଲେ ।

## ୬. ବାକ୍ୟ ଗଠନ କର -

ତତ୍ପର – ______________________________

ଉତ୍ପାତ – ______________________________

ଉତ୍ତପ୍ତ – ______________________________

ସମାପ୍ତ – ______________________________

ପ୍ରାପ୍ତାଙ୍କ – ______________________________

# ପାଠ-୨୩

ପ୍ + ପ = ପ୍ପ ପ୍ + ସ = ପ୍ସ

ପ୍ପ



ପିପ୍ପଳ ଗଛ

ପ୍ସ



ଅପ୍ସରା

| | | |
|---|---|---|
| ପିପ୍ପଳି | ଲିପ୍ସା | ଇପ୍ସିତ |
| ଟିପ୍ପଣୀ | ଅଭୀପ୍ସା | ଜଗୁପ୍ସା |

## ପିପ୍ପଳ ଗଛର ମହିମା

ଜୁଗୁପ୍ସାପୁର ଗାଁ ମୁଣ୍ଡରେ ଏକ ବିରାଟ ପିପ୍ପଳ ଗଛ ଅଛି । ତା'ର ଶାଖା ପ୍ରଶାଖା ସବୁଆଡ଼େ ମେଲେଇ ହୋଇ ରହିଥାଏ । ପିପ୍ପଳ ଗଛ ତଳେ ଭକ୍ତମାନେ ଆସି ଦୀପ ଜାଳନ୍ତି ଓ ନିଜ ଅଭୀପ୍ସା ପୂରଣ ପାଇଁ ପୂଜା ମଧ କରନ୍ତି । ଲିପ୍ସା ତା'ର ମାଆ ସହିତ ସେଠାକୁ ଯାଏ । ତାକୁ ସବୁବେଳେ ଥଣ୍ଡାଜ୍ୱର ହୁଏ । ବୈଦ୍ୟ ଲିପ୍ସାକୁ ଭଲ ହେବା ପାଇଁ ପିପ୍ପଳି ସହିତ ମହୁ ଖାଇବାକୁ କହନ୍ତି । ଲିପ୍ସାର ମାଆ ତାକୁ ଅନେକ ଟିପ୍ପଣୀ ଦିଅନ୍ତି । ବୁଢ଼ା ପିପ୍ପଳ ଗଛ ତଳେ ଦୀପ ଜାଳିଲେ ମନର ଇପ୍ସିତ ମାନସିକ ପୂରା ହୁଏ ବୋଲି ଜୁଗୁପ୍ସାପୁରର ଲୋକମାନେ କୁହନ୍ତି । ହେଲେ ପିପ୍ପଳଗଛ ଆମକୁ ଛାଇ ଦିଏ ଓ ଚେର ମୃତ୍ତିକା ସଂରକ୍ଷଣରେ ସାହାଯ୍ୟ କରେ ।

## ତୁମ ପାଇଁ କାମ

**୧. ଅଭ୍ୟାସ କର -**

ପ୍ + ପ = ______ ପ୍ + ସ = ______

**୨. 'ପ' ଓ 'ସ' ଲଗାଇ ଯୁକ୍ତାକ୍ଷର କର ।**

ପିପଳି, ପିପଳ, ଅପରା, ଲିପା, ଈପିତ

**୩. ସଜାଡ଼ି ଲେଖ -**

ପ୍ପପିଳ, ପ୍ପପିଳି, ପ୍ପଟିଣୀ, ଭୀଅପ୍ସା, ତଈପ୍ସି

**୪. ଖାଲି ଜାଗା ପୂରଣ କର ।**

ପି______ଳି ଟି______ଣୀ

ପି______ଳ ଅ______ରା

**୫. ଯୁକ୍ତାକ୍ଷର ମିଳାଅ**

| | |
|---|---|
| ପିପ୍ପଳ | ଈପ୍ସିତା |
| ଲିପ୍ସା | ଅଭୀପ୍ସା |
| ଅପ୍ସରା | ପିପ୍ପଳି |

**୬. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -**

(କ) ଜୁଗୁପ୍ସାପୁର ଗାଁ ମୁଣ୍ଡରେ କ'ଣ ଅଛି ?

(ଖ) ପିପ୍ପଳଗଛ ତଳେ ଲୋକେ କାହିଁକି ପୂଜା କରନ୍ତି ?

(ଗ) ବୈଦ୍ୟ ଲିପ୍ସାକୁ ଥଣ୍ଡା ପାଇଁ କ'ଣ ଖାଇବାକୁ କହିଲେ ?

(ଘ) ପିପ୍ପଳଗଛ କିପରି ଭାବରେ ଆମକୁ ସାହାଯ୍ୟ କରେ ?

# ପାଠ-୨୪

ବ୍ + ଜ = ବ୍ଜ  ବ୍ + ଧ = ବ୍ଧ  ବ୍ + ଦ= ବ୍ଦ

ବ୍ଜ



କୁବ୍ଜ

ବ୍ଧ



ଲୁବ୍ଧକ

| | | | |
|---|---|---|---|
| ଅବ୍ଜ | କ୍ଷୁବ୍ଧ | ଶବ୍ଦ | ତିବ୍ବତ |
| ଲୁବ୍ଧ | ଅବ୍ଦ | କାନ୍ୟକୁବ୍ଜ | ପ୍ରଲୁବ୍ଧ |
| ଶକାବ୍ଦ | ଶତାବ୍ଦୀ | ନିଃଶବ୍ଦ | ଲବ୍ଧଜ୍ଞାନୀ |

ଶହେବର୍ଷରେ ଗୋଟିଏ ଶତାବ୍ଦୀ ହୁଏ । ଊନବିଂଶ ଶତାବ୍ଦୀର ଆରମ୍ଭରୁ ଲୋକମାନଙ୍କ ଭିତରେ ଶିକ୍ଷାର ପ୍ରସାର ଘଟିଲା । କାନ୍ୟକୁବ୍ଜରୁ ଅନେକ ବ୍ରାହ୍ମଣ ସନ୍ନ୍ୟାସୀ ରାଜ୍ୟ ଭିତରକୁ ଆସିଥିଲେ । ସେମାନେ ତପସ୍ୟା ବଳରେ ଅନେକ ଜ୍ଞାନର ଅଧିକାରୀ ହୋଇ ଶତାବ୍ଦୀ ଶତାବ୍ଦୀ ଧରି ଆମ ଭାରତରେ ବଞ୍ଚି ରହିଛନ୍ତି । ସେମାନେ ମାୟାମୋହରେ ପ୍ରଲୁବ୍ଧ ନ ହୋଇ ନିଜର ଜ୍ଞାନ ପ୍ରଚାର କଲେ ।

ଅବ୍ଜ ଫୁଟିଛି ସରୋବରେ । ବେଢ଼ି ଅଛନ୍ତି ମଧୁକରେ ।
ପଡନ୍ତେ କର୍ଣ୍ଣେ ସେହି ଶବ୍ଦ । ଆନନ୍ଦ ପ୍ରାଣେ ହେଲା ଲବ୍ଧ ।



## ତୁମ ପାଇଁ କାମ

### ୧. ଅଭ୍ୟାସ କର -

ବ୍ + ଜ = ______ ବ୍ + ଧ = ______

ବ୍ + ଦ= ______ ବ୍ + ବ = ______

### ୨. ସଜାଡ଼ି ଲେଖ -

ବ୍ଧଲୁକ, କାଶଢ, ବ୍ଧଲୁପ୍ର, ବ୍ଧଲଜ୍ଞାନ, ତିତ, ଢତିତୀୟ

### ୩. ଖାଲି ଜାଗା ପୂରଣ କର ।

ଲୁ______କ ତି______ତ ନିଃଶ______

ଲ______ଜ୍ଞାନ

### ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Hunter | ______ | Sound | ______ |
| Century | ______ | Sad | ______ |
| Lotus | ______ | Word | ______ |

### ୫. ଶୂନ୍ୟ ଜାଗାରେ ଉପଯୁକ୍ତ ଶବ୍ଦଟିକୁ ବାଛି ଲେଖ ।

(କ) ଶହେ ବର୍ଷରେ ଗୋଟିଏ ______ ହୁଏ ।

(ଖ) ମାୟାମୋହରେ ______ ନ ହୋଇ ସେମାନେ ନିଜ ଜ୍ଞାନର ପ୍ରସାର କଲେ ।

(ଗ) ______ ରୁ ଅନେକ ବ୍ରାହ୍ମଣ ସନ୍ନ୍ୟାସୀ ଆସିଥିଲେ ।

# ପାଠ-୨୪

ଲ୍ + କ = ଲ୍କ
ଲ୍ + ପ = ଲ୍ପ

ଲ୍ + କ = ଲ୍କ
ଲ୍ + ଫ = ଲ୍ଫ

ଲ୍ + ଗ = ଲ୍ଗ
ଲ୍ + ଭ = ଲ୍ଭ



## ବଲ୍କଲ



## ବଲ୍ଗାହରିଣ

| | | | | |
|---|---|---|---|---|
| କଲ୍କୀ | ଉଲ୍କା | ଫଲ୍ଗୁ | ଅଲ୍ପ | ଗୁଲ୍ଫ |
| ଶୁଲ୍କ | ଉଲ୍କାପିଣ୍ଡ | ଫାଲ୍ଗୁନମାସ | ଗଲ୍ପ | ପ୍ରଗଲ୍ଭ |

ପ୍ରଭୁ ଜଗନ୍ନାଥ କଲ୍କୀ ଅବତାରରେ ଜଗତକୁ ଉଦ୍ଧାର କରିବେ । କଲ୍ପନା ଶୁକ୍ଲ ଲୁଗା ପିନ୍ଧି ଫାଲ୍ଗୁନ ମାସର ଫଗୁଦୋଳ ପଞ୍ଚମୀରେ ଫଗୁ ଖେଳିବାକୁ ପ୍ରଗଲ୍ଭା ସହିତ ଗଲା । ଆକାଶରୁ ଉଲ୍କାପିଣ୍ଡ ଖସେ । ବଲ୍ଗାହରିଣ ଶୁକ୍ଲ ବରଫ ଉପରେ ଚାଲେ । କଲ୍ପନା ରାତିରେ ଆଇମାଆଠାରୁ ଗଲ୍ପ ଶୁଣେ । ଫାଲ୍ଗୁନ ମାସରେ ଅଲ୍ପ ଅଲ୍ପ ପବନ ବହେ । ଆଗକାଳେ ଲୋକେ ବଲ୍କଲ ପିନ୍ଧୁଥିଲେ ।

## ତୁମ ପାଇଁ କାମ

### ୧. ଲେଖ ଓ ପଢ଼ -

ଳ୍ + କ = ______ ଲ୍ + କ = ______ ଲ୍ + ଗ = ______

ବ୍ + ଦ = ______ ଳ୍ + ଫ = ______ ଳ୍ + ଭ = ______

### ୨. ସଜାଡ଼ି ଲେଖ -

ଲ୍କାଉପିଣ୍ଡ, ଲ୍ଗୁଫାନମାସ, ଳ୍ପକନା

### ୩. ଖାଲି ଜାଗା ପୂରଣ କର ।

ବ______ଳ ଉ______ପିଣ୍ଡ ଫା______ନ ମାସ

ପ୍ରଗ______ କ______ନା

### ୪. ଇଂରାଜୀରୁ ଓଡ଼ିଆ କର ।

Reindeer ______ Story ______

Imagination ______

### ୫. ଶୂନ୍ୟ ଜାଗାରେ ଉପଯୁକ୍ତ ଶବ୍ଦଟିକୁ ବାଛି ଲେଖ ।

(କ) ଜଗନ୍ନାଥ ______ ଅବତାରରେ ଜଗତକୁ ଉଦ୍ଧାର କରିବେ ।

(ଖ) ______ ଲୁଗା ପିନ୍ଧି ______ ମାସରେ ଫଗୁ ଖେଳିବାକୁ ଗଲା ।

(ଗ) ଆକାଶରୁ ______ ଖସେ ।

(ଘ) କଳ୍ପନା ______ ଆଈମା'ଠାରୁ ______ ଶୁଣେ ।

(ଙ) ______ ମାସରେ ଅଳ୍ପ ଅଳ୍ପ ପବନ ବହେ ।

# ପାଠ-୨୬

ଶ୍ + ଚ = ଶ୍ଚ          ଶ୍ + ଛ = ଶ୍ଛ

ଶ୍ଚ



ଶ୍ଛ



## ହରିଶ୍ଚନ୍ଦ୍ର          ଶିରଶ୍ଛେଦ

| | | |
|---|---|---|
| ପଶ୍ଚିମ | ଆଶ୍ଚର୍ଯ୍ୟ | ଦୁଶ୍ଛେଦ୍ୟ |
| ନିଶ୍ଚୟ | ବୃଶ୍ଚିକ | |

## ଦାନବୀର ହରିଶ୍ଚନ୍ଦ୍ର

ରାଜା ହରିଶ୍ଚନ୍ଦ୍ର ଦାନବୀର ଭାବରେ ଖ୍ୟାତିଲାଭ କରିଥିଲେ । ସେ ନିଜ ରାଜ୍ୟ ଧନ, ସମ୍ପତ୍ତି ସବୁ ଦାନ କରି ରାଜ୍ୟ ଛାଡ଼ି ଚାଲିଯାଇଥିଲେ । ହରିଶ୍ଚନ୍ଦ୍ର ପତ୍ନୀ ଶୈବ୍ୟା ଓ ପୁତ୍ର ରୋହିତଙ୍କୁ ସାଙ୍ଗରେ ଧରି ରାଜ୍ୟରୁ ଖୁସିରେ ଚାଲିଯାଇଥିଲେ । ଗୁରୁଙ୍କୁ ଦକ୍ଷିଣା ଦେଇନପାରିଥିବାରୁ ନିଜ ପତ୍ନୀ ଓ ପୁତ୍ରକୁ ମଧ ବିକ୍ରି କରିଥିଲେ । ନିଜେ ଚଣ୍ଡାଳ ଘରେ ବିକି ହୋଇ ରାଜା ହରିଶ୍ଚନ୍ଦ୍ର ଚଣ୍ଡାଳ କାମ କରିଥିଲେ । ହରିଶ୍ଚନ୍ଦ୍ରଙ୍କ ଏ ଦାନୀଗୁଣ ଗଳ୍ପରେ ପଢ଼ିଲେ ଆଶ୍ଚର୍ଯ୍ୟ ଲାଗେ । ସେ ନିଜ ଦୁଃଶ୍ଚିନ୍ତା ଛାଡ଼ି ଧର୍ମକୁ ନିଶ୍ଚିତ ସତ୍ୟ ବୋଲି ଭାବୁଥିଲେ ।

## ତୁମ ପାଇଁ କାମ

**୧. ଲେଖ ଓ ପଢ଼ -**

ଶ୍ + ଚ = ______ ଶ୍ + ଛ = ______

**୨. ସଜାଡ଼ି ଲେଖ -**

ଶ୍ଚିପମ, ରିହଶ୍ଚନ୍ଦ୍ର, ଶ୍ଚଆର୍ଯ୍ୟ, ଶ୍ଚନିୟ, ଶ୍ଚିବୃକ, ରଶିଶ୍ଛେଦ

**୩. ଖାଲି ଜାଗା ପୂରଣ କର ।**

ନି______ୟ ଆ______ର୍ଯ୍ୟ ପ______ମ

ଶିର______ଦ ବୃ______କ ହରି______ନ୍ଦ୍ର

**୪. ଉତ୍ତର ଲେଖ-**

(କ) କିଏ ଦାନବୀର ଭାବରେ ଖ୍ୟାତି ଲାଭ କରିଥିଲେ ?

(ଖ) ହରିଶ୍ଚନ୍ଦ୍ରଙ୍କ ପତ୍ନୀ ଓ ପୁତ୍ର ନାମ କ'ଣ ?

(ଗ) ହରିଶ୍ଚନ୍ଦ୍ରଙ୍କ ଦାନୀଗୁଣ ପଢ଼ିଲେ କେମିତି ଲାଗେ ?

**୫. 'ଚ' ଓ 'ଛ' ଲଗାଇ ଯୁକ୍ତାକ୍ଷର କର ।**

ଆଶର୍ଯ୍ୟ, ପଶିମ, ହରିଶନ୍ଦ୍ର, ନିଶୟ, ଶିରଶେଦ

# ପାଠ-୨୭

ଷ୍ + କ = ଷ୍କ

ଷ୍ + ଟ = ଷ୍ଟ

ଷ୍ + ଠ = ଷ୍ଠ

ଷ୍କ



ପୁଷ୍କରିଣୀ

ଷ୍ଠ



ଓଷ୍ଠ

| | | | | |
|---|---|---|---|---|
| ଶୁଷ୍କ | କଷ୍ଟ | ଦୃଷ୍ଟି | ନିଷ୍ଠା | ବଶିଷ୍ଠ |
| ପରିଷ୍କାର | ନଷ୍ଟ | ଯଥେଷ୍ଟ | ଶ୍ରେଷ୍ଠ | ଷଷ୍ଠ |
| କନିଷ୍କ | ଭ୍ରଷ୍ଟ | ଅଷ୍ଟମ | ଜ୍ୟେଷ୍ଠ | ପୃଷ୍ଠା |
| ଷ୍ଟେସନ | ଦୁର୍ଗାଷ୍ଟମୀ | ଶୀତଳଷଷ୍ଠୀ | ବୃଷ୍ଟିପାତ | |

ଏବେ ଜଙ୍ଗଲ ସବୁ ନଷ୍ଟ କରି ଦିଆଯାଉଛି । ଯଥେଷ୍ଟ ପରିମାଣରେ ବୃକ୍ଷ ନଥିଲେ ପରିବେଶ ପ୍ରଦୂଷଣ ବଢ଼େ । ଆଧୁନିକ ମଣିଷ ନିଜର ଦରକାର ପାଇଁ ପରିବେଶକୁ ନଷ୍ଟଭ୍ରଷ୍ଟ କରିଦେଉଛି । ସେଥିପାଇଁ ବୃଷ୍ଟିପାତ ମଧ ବହୁତ କମ୍ ହେଉଛି । ବୃଷ୍ଟିପାତ କମ୍ ହେଲେ ନଦୀ ପୁଷ୍କରିଣୀର ଜଳସବୁ ଶୁଷ୍କ ହୋଇଯାଏ । ଜଳ ବିନା ପ୍ରାଣୀଜଗତ ବଞ୍ଚିବା ବହୁତ କଷ୍ଟକର ଅଟେ । ବଶିଷ୍ଠ ଅଷ୍ଟମ ଶ୍ରେଣୀର ଛାତ୍ର ଓ ତା'ର ଭଉଣୀ ଶର୍ମିଷ୍ଠା ଷଷ୍ଠ ଶ୍ରେଣୀରେ ପଢ଼େ । ସେମାନେ ଦୁହେଁ ମିଶି ନିଷ୍ଠାର ସହିତ 'ପରିବେଶ ବଞ୍ଚାଅ' କାର୍ଯ୍ୟ କରୁଛନ୍ତି । ସବୁ ବିଦ୍ୟାଳୟର

ଛାତ୍ରଛାତ୍ରୀଙ୍କୁ ଏକାଠି କରି ଗାଁ ଗାଁ ବୁଲି ଲୋକଙ୍କୁ ପରିବେଶ ଓ ବୃଷ୍ଟିପାତ ସମ୍ବନ୍ଧରେ ବୁଝାଉଛନ୍ତି । ଏ ବର୍ଷ ଦୁର୍ଗାଷ୍ଟମୀରେ ନୂତନ ଜଙ୍ଗଲ ସୃଷ୍ଟି କରିବାର ଚେଷ୍ଟା ଚାଲିଛି । ତା' ସଙ୍ଗେ ସଙ୍ଗେ ଘର ଚାରିପାଖ ପରିଷ୍କାର ରଖି ମଶା ଦାଉରୁ ରକ୍ଷା ପାଇବାର ଉପାୟ ମଧ୍ୟ ଲୋକଙ୍କୁ ବୁଝାଇବାର ଚେଷ୍ଟା କରିବେ ।



## ତୁମ ପାଇଁ କାମ

୧. 'ଷ୍କ', 'ଷ୍ଟ', 'ଷ୍ଠ' ଲଗାଇ ଦୁଇଟି ଲେଖାଏଁ ଶବ୍ଦ ଲେଖ ।

୨. ସଜାଡ଼ି ଲେଖ -

ଷ୍କପୁରିଣୀ, ନିକଷ୍କ, ଷ୍ଠକନି, ଥେଯଷ୍ଟ, ର୍ଗାଦୁଷ୍ଟମୀ, ତଶୀଳଷଷ୍ଠୀ, ଶିବଷ୍ଠ, ରିପଷ୍କାର

୩. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Tank | ____________ | Rain | ____________ |
| Lip | ____________ | Dry | ____________ |
| Clean | ____________ | Sixth | ____________ |
| Page | ____________ | Eighth | ____________ |

## ୪. ଖାଲି ଜାଗା ପୂରଣ କର ।

ପରି______ର       ଶୀତଳଷ______       କନି______

ପୁ______ରିଣୀ       ଦୁର୍ଗା______ମୀ       ବଶି______

ବୃ______ପାତ       ଅ______ମ

## ୫. ବାକ୍ୟ ପୂରା କର ।

(କ) ଜଙ୍ଗଲ ସବୁ______ କରି ଦିଆଯାଉଛି ।

(ଖ) ବଶିଷ୍ଟ ______ ଶ୍ରେଣୀର ଛାତ୍ର ।

(ଗ) ______ ଷଷ୍ଠ ଶ୍ରେଣୀର ଛାତ୍ରୀ ।

## ୬. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ପରିବେଶ ପ୍ରଦୂଷଣ କାହିଁକି ବଢ଼େ ?

(ଖ) ମଣିଷ ନିଜ ଦରକାର ପାଇଁ କ'ଣ କରୁଛି ?

(ଗ) ବଶିଷ୍ଠ ଓ ଶର୍ମିଷ୍ଠା କେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ?

(ଘ) କଅଣ କଲେ ମଶା ଦାଉରୁ ରକ୍ଷା ମିଳେ ?

## ୭. ସ୍ତମ୍ଭ ମିଳାଅ -

| କ | ଖ |
|---|---|
| ଶୁଷ୍କ | ଭ୍ରଷ୍ଟ |
| ନଷ୍ଟ | କନିଷ୍ଠ |
| ଜ୍ୟେଷ୍ଠ | ପୁଷ୍କରିଣୀ |

# ପାଠ-୨୮

ଷ୍ + ପ = ଷ୍ପ
ଷ୍ + ଫ = ଷ୍ଫ

ର୍ + ଣ୍ + ଣ = ର୍ଣ୍ଣ
ଷ୍ + ଣ = ଷ୍ଣ



**ପୁଷ୍ପ**



**କୃଷ୍ଣ**



**କର୍ଣ୍ଣ**

| | | | |
|---|---|---|---|
| ବାଷ୍ପ | ତୃଷ୍ଣା | କ୍ଷୁର୍ଣ୍ଣ | ବିଷର୍ଣ୍ଣ |
| ନିଷ୍ଫଳ | ବିଷ୍ଣୁ | ବର୍ଣ୍ଣ | ପୂର୍ଣ୍ଣିମା |
| ନିଷ୍ପାପ | ଉଷ୍ଣ | ସ୍ୱର୍ଣ୍ଣ | ଅକ୍ଷୁର୍ଣ୍ଣ |
| ନିଷ୍ପତ୍ତି | ବୈଷ୍ଣବ | ସହିଷ୍ଣୁ | |

ଦ୍ୱାପର ଯୁଗରେ ଅନ୍ୟାୟର ବିନାଶ ପାଇଁ ବିଷ୍ଣୁ କୃଷ୍ଣ ଅବତାର ନେଇଥିଲେ । ମଥୁରାରେ ଜନ୍ମ ହୋଇ ଗୋପପୁରରେ ବାଲ୍ୟକାଳ କଟାଇଥିଲେ । କୃଷ୍ଣ କଂସମାମୁଁଙ୍କ ସଂହାର ପାଇଁ ନିଷ୍ପତ୍ତି ନେଇଥିଲେ । ମଥୁରାର ରାଜା କଂସ ଶ୍ରୀକୃଷ୍ଣଙ୍କୁ ବାଲ୍ୟକାଳରେ ମାରିବା ପାଇଁ ବହୁ ଚେଷ୍ଟା କରିଥିଲା । ହେଲେ ସବୁଥିରେ ନିଷ୍ଫଳ ହେଲା । କୃଷ୍ଣଙ୍କ ବର୍ଣ୍ଣ କଳା ଥିଲା । ସେ କର୍ଣ୍ଣରେ କୁଣ୍ଡଳ ଓ ମଥାରେ ମୟୂରଚୂଳ ପିନ୍ଧନ୍ତି । ତାଙ୍କ ପାଖରେ ସହିଷ୍ଣୁତା ଗୁଣ ଭରି ରହିଥିଲା ।

ମଲ୍ଲୀପୁଷ୍ପରେ ତାଙ୍କର ବେଶ୍ ଆଦର । କେହି ଭକ୍ତ ଯଦି ତାଙ୍କୁ ନିଷ୍ପାପ ମନରେ ପ୍ରାର୍ଥନା କରେ ତାହା କେବେ ନିଷ୍ଫଳ ଯାଏନା ।



ନିଷ୍ପାପ ମନେ କୃଷ୍ଣ ବସେ
ବୈଷ୍ଣବେ ବିଷ୍ଣୁ ନିତି ଭଜେ ।
କମଳପୁଷ୍ପ ବିଷ୍ଣୁ ପଦେ
ଆଶା ନିଷ୍ଫଳ ନୁହେଁ କେବେ ।

## ତୁମ ପାଇଁ କାମ

**୧. ଲେଖ ଓ ପଢ଼ -**

ଷ୍ + ପ = ______　　ଷ୍ + ଫ = ______

ଷ୍ + ଣ = ______　　ଣ୍ + ଣ = ______

**୨. ସଜାଡ଼ି ଲେଖ -**

ଷ୍ଫନିଳ, ଷ୍ପାନିପ, ଷ୍ପନିତ୍ତି, ଷ୍ଣବୈବ, ହିସଷ୍ଣୁ, କ୍ଷୁଅଣ୍ଣ, ର୍ଣ୍ଣିପୂମା

**୩. ଖାଲି ଜାଗା ପୂରଣ କର ।**

ନି______ଳ　　ନି______ପ　　ନି______ତ୍ତି　　ବୈ______ବ

ସହି______　　ଅକ୍ଷୁ______　　ବିଷ______　　ପୂ______ମା

ପୁ______କବିମାନ　　ସହି______ତା　　ନି______ଳ ପ୍ରାର୍ଥନା

## ୪. ଇଂରାଜୀରୁ ଓଡ଼ିଆ କର ।

| | | | |
|---|---|---|---|
| Flower | ____________ | Ear | ____________ |
| Tolerant | ____________ | Steam | ____________ |
| Decision | ____________ | Colour | ____________ |
| Gold | ____________ | Full Moon Day | ____________ |

## ୫. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଦ୍ୱାପର ଯୁଗରେ ବିଷ୍ଣୁ କେଉଁ ଅବତାର ନେଇଥିଲେ ?

(ଖ) ବିଷ୍ଣୁ କାହିଁକି ଅବତାର ନେଇଥିଲେ ?

(ଗ) କଂସରାଜା କେଉଁ କାମରେ ନିଷ୍ଫଳ ହେଲା ?

(ଘ) କୃଷ୍ଣ କଅଣ ପିନ୍ଧନ୍ତି ?

(ଙ) କୃଷ୍ଣଙ୍କ ପାଖରେ କେଉଁ ଗୁଣ ଭରି ରହିଥିଲା ?

## ୬. ଶୂନ୍ୟ ଜାଗା ପୂରଣ କର ।

(କ) କୃଷ୍ଣ ______ ର ସଂହାର ପାଇଁ ______ ନେଇଥିଲେ ।

(ଖ) କୃଷ୍ଣଙ୍କ ______ କଳା ଥିଲା ।

(ଗ) ______ରେ ତାଙ୍କର ବେଶ୍ ଆଦର ।

# ପାଠ-୨ ୯

ସ୍ + କ = ସ୍କ

ସ୍ + ଖ = ସ୍ଖ

ସ୍କ



ସ୍କୁଟର

ସ୍ଖ



ସ୍ଖଳନ

| | | | |
|---|---|---|---|
| ସ୍କନ୍ଧ | ଭାସ୍କର | ନମସ୍କାର | ସ୍ଖଳିତ |
| ସ୍କୁଲ୍ | ସ୍କାଉଟ୍ | ତିରସ୍କାର | ଭୂସ୍ଖଳନ |
| ଡେସ୍କ | ବିସ୍କୁଟ୍ | ପୁରସ୍କାର | |

## ଭାସ୍କରର ପୁରସ୍କାର

ସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଭାସ୍କର ଭାଗ ନେଇଥିଲା । ସେ ଅନେକ କ୍ରୀଡ଼ାରେ ବିଜୟୀ ହୋଇ ହେଡ୍‌ମାଷ୍ଟରଙ୍କଠାରୁ ଓ ମୁଖ୍ୟ ଅତିଥିଙ୍କ ହାତରୁ ପୁରସ୍କାର ପାଇଲା । ଭାସ୍କର ସ୍କୁଲ୍‌ର ସ୍କାଉଟ୍‌ରେ ମଧ୍ୟ ପ୍ୟାରେଡ୍ କରୁଥିଲା । ସେ ହଠାତ୍ ତଳେ ସ୍ଖଳିତ ହୋଇଯିବାରୁ ସାଙ୍ଗମାନେ ତାକୁ ତିରସ୍କାର କଲେ । ତା'ର ସ୍କନ୍ଧରେ ଆଘାତ ଲାଗିଲା । ଶିକ୍ଷକ ତାକୁ ନେଇ ଡେସ୍କ ଉପରେ ଶୁଆଇ ଦେଲେ । ସ୍କୁଲ୍‌ର ଅନ୍ୟ ପିଲାମାନଙ୍କୁ ମଧ୍ୟ ପୁରସ୍କାର ଦିଆଗଲା । ଶେଷରେ ଭାସ୍କର ଗୁରୁମାନଙ୍କୁ ନମସ୍କାର କରି ଘରକୁ ଫେରିଲା ।

## ତୁମ ପାଇଁ କାମ

**୧. ଲେଖ ଓ ପଢ଼**

ସ୍ + କ = ______        ସ୍ + ଖ = ______

**୨. ସଜାଡ଼ି ଲେଖ -**

ଟସ୍କୁର୍, ଲସ୍କନ, ସ୍କଭାର, ଉସ୍କାଟ୍, ସ୍କୁବିଟ୍, ମନସ୍କାର, ରତିସ୍କାର, ରପୁସ୍କାର, ଲିସ୍କତ

**୩. ଇଂରାଜୀରୁ ଓଡ଼ିଆ କର ।**

School________ Scout________ Biscuit________
Desk________ Prize________ Shoulder________

**୪. ଖାଲି ଜାଗା ପୂରଣ କର ।**

ବି______ଟ୍  ______ଟର  ______ଲନ  ______ଲିତ
ଭୂ______ଲନ  ପୁର______ର  ତିର______ର  ନମ______ର

**୫. ବାକ୍ୟ ଗଠନ କର ।**

ସ୍କୁଲ୍, ସ୍କାଉଟ୍, ବିସ୍କୁଟ୍, ପୁରସ୍କାର, ନମସ୍କାର

**୬. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -**

(କ) ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କିଏ ଭାଗ ନେଇଥିଲା ?
(ଖ) ଭାସ୍କର କାହା ହାତରୁ ପୁରସ୍କାର ପାଇଲା ?
(ଗ) ଶେଷରେ ଗୁରୁମାନଙ୍କୁ କଅଣ କରି ଭାସ୍କର ଘରକୁ ଫେରିଲା ?
(ଘ) ଭାସ୍କରର କେଉଁଠି ଆଘାତ ଲାଗିଲା ?

**୭. ସାଧାରଣ ଅକ୍ଷରକୁ ଯୁକ୍ତାକ୍ଷର କର ।**

ସୁଲ, ବିସୁଟ, ପୁରସାର, ତିରସାର, ସୁଟର, ସଳନ, ନମସାର

# ପାଠ-୩୦

ସ୍ + ତ = ସ୍ତ          ସ୍ + ଥ = ସ୍ଥ

ସ୍ତ          ସ୍ଥ



ହସ୍ତୀ



ଅସ୍ଥି

| | | | |
|---|---|---|---|
| ବସ୍ତି | ହସ୍ତ | ସୁସ୍ଥ | ଅସ୍ଥିର |
| କୁସ୍ତି | ବସ୍ତା | ସ୍ଥିର | ସ୍ଥପତି |
| ଶସ୍ତା | ରାସ୍ତା | ସ୍ଥାୟୀ | ଅସୁସ୍ଥ |
| ଶାସ୍ତି | ହେମଦସ୍ତା | ସ୍ଥାଣୁ | ସ୍ଥାପତ୍ୟ |
| ପେସ୍ତା | ଦସ୍ତଖତ | ସ୍ଥଳ | ଦୁରବସ୍ଥା |

## ସ୍ଥିରମନ

ମଣିଷର ମସ୍ତକ ହେଉଛି ବୁଦ୍ଧିର ଗନ୍ତାଘର । ବିପଦ କିମ୍ବା ସମ୍ପଦରେ ଅସ୍ଥିର ନ ହୋଇ ସ୍ଥିର ଚିତ୍ତରେ କାର୍ଯ୍ୟ କଲେ ଜୀବନରେ ସଫଳତା ମିଳେ । ଓସ୍ତପୁରର ପୁରୁଣା ବସ୍ତି ଭିତରେ ଶ୍ରୀକାନ୍ତ ବୋଲି ପିଲାଟିଏ ରହେ । ଶ୍ରୀକାନ୍ତ ସମସ୍ତଙ୍କୁ ଉଚିତ ବ୍ୟବହାର ଓ ସମ୍ମାନ ଦେଇ କଥାହୁଏ । ତା' ପାଖରେ ଅନେକ ପୁସ୍ତକ ଥାଏ । ଖାଲି ସମୟରେ ଅସ୍ଥିର ମନ ନ କରି ସ୍ଥିର ଭାବରେ ବସି ପାଠପଢ଼େ । ତା'ର ଧୀରସ୍ଥିର

ଗୁଣ ଯୋଗୁଁ ସ୍କୁଲ୍‌ରେ ତାକୁ କୌଣସି ପ୍ରକାର ଶାସ୍ତି ମିଳେ ନାହିଁ । ଶ୍ରୀକାନ୍ତ ସୁସ୍ଥ ରହିବା ପାଇଁ ପ୍ରତିଦିନ ବ୍ୟାୟାମ କରେ । କଳା ଓ ସ୍ଥାପତ୍ୟ ପାଇଁ ମଧ୍ୟ ସେ ପୁରସ୍କୃତ । ତେଣୁ ସମସ୍ତେ ସୁସ୍ଥ ଓ ସ୍ଥିର ଚିତ୍ତରେ କାମ କଲେ ନିଶ୍ଚୟ ପ୍ରଶଂସା ପାଇବେ ।



## ତୁମ ପାଇଁ କାମ

**୧. ଲେଖ ଓ ପଢ଼ -**

ସ୍ + ତ = ______ ସ୍ + ଥ = ______

**୨. ସଜାଡ଼ି ଲେଖ -**

ସ୍ତମକ, ସ୍ତପୁକ, ସ୍ତଦଖତ, ମହେଦସ୍ତା, ଳସ୍ଥପଦ୍ମ, ସ୍ଥିଅର, ପସ୍ଥାତ୍ୟ, ରଦୁବସ୍ଥା

**୩. ଖାଲି ଜାଗା ପୂରଣ କର ।**

ମ______କ ପୁ______କ ହେମଦ______

ଅ______ର ସ୍ଥ______ପଦ୍ମ

**୪. ଇଂରାଜୀରୁ ଓଡ଼ିଆ କର ।**

| | | | |
|---|---|---|---|
| Elephant | ______ | Book | ______ |
| Land | ______ | Head | ______ |
| Road | ______ | Cheap | ______ |
| Hand | ______ | Ill | ______ |
| Healthy | ______ | | |

## ୫. ବାକ୍ୟଗୁଡ଼ିକୁ ପୂର କର।

(କ) ମଣିଷର ______ ହେଉଛି ବୁଦ୍ଧିର ଗନ୍ତାଘର।

(ଖ) ଶ୍ରୀକାନ୍ତ ପାଖରେ ଅନେକ ______ ଥାଏ।

(ଗ) ଶ୍ରୀକାନ୍ତ ______ ରହିବା ପାଇଁ ପ୍ରତିଦିନ ବ୍ୟାୟାମ କରେ।

## ୬. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ଜୀବନରେ କିପରି ଭାବରେ ସଫଳତା ମିଳେ ?

(ଖ) ଶ୍ରୀକାନ୍ତ ଖାଲି ସମୟରେ କ'ଣ କରେ ?

(ଗ) ଶ୍ରୀକାନ୍ତକୁ କାହିଁକି ଶାସ୍ତି ମିଳେ ନାହିଁ ?

(ଘ) ସମସ୍ତେ କିପରି ପ୍ରଶଂସା ପାଇବେ ?

## ୭. ସାଧାରଣ ଅକ୍ଷରକୁ ଯୁକ୍ତାକ୍ଷର କର।

ଦସଖତ, ହେମଦସା, ଅସିର, ସଳପଦ୍ମ, ସାପତ୍ୟ, ଦୂରବସା

## ୮. ବିପରୀତ ଶବ୍ଦକୁ ଯୋଡ -

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସ୍ଥିର | ଅସ୍ଥାୟୀ |
| ସ୍ଥାୟୀ | ଅସୁସ୍ଥ |
| ସୁସ୍ଥ | ଜଳ |
| ସ୍ଥଳ | ଅସ୍ଥିର |

# ପାଠ-୩୧

ସ୍ + ପ = ସ୍ପ

ସ୍ + ଫ = ସ୍ଫ

ସ୍ପ



ସ୍ପର୍ଶ

ସ୍ଫ



ବିସ୍ଫୋରଣ

| | | | |
|---|---|---|---|
| ସ୍ପୃହା | ପୂଜ୍ୟାସ୍ପଦ | ସ୍ଫୁଲିଙ୍ଗ | ଆସ୍ଫାଳନ |
| ସ୍ପଷ୍ଟ | ପରସ୍ପର | ସ୍ଫୀତ | ବାହାସ୍ଫୋଟ |

ଶୀତଦିନର ସକାଳରେ ଶ୍ୱାନ ଛୁଆଟିଏ ଡେଇଁ ଡେଇଁ ବୁଲୁଥାଏ । ସ୍ପନ୍ଦିତା ସେ ଛୁଆଟିକୁ ସ୍ପର୍ଶ କରିବାକୁ ଡରେ । ସ୍ପନ୍ଦିତାର ଶ୍ୱାନଛୁଆ ଧରିବାରେ ଭାରି ସ୍ପୃହା, କିନ୍ତୁ ତା' ମନରେ ଭୟ ସ୍ପଷ୍ଟ ଭାବରେ ଦେଖି ହେଉଥାଏ । ସ୍ପନ୍ଦିତା ଭାରି ସ୍ପଷ୍ଟବାଦୀ । ସେ କୌଣସି କଥାରେ ବାହାସ୍ଫୋଟ ମାରି ହୀନସ୍ତା ହୁଏ ନାହିଁ । ଶ୍ୱାନଛୁଆ ପ୍ରତି ଥିବା ସ୍ନେହ ଓ ସ୍ପୃହା ଧୀରେଧୀରେ ତା'ର ଭୟକୁ ଦୂର କଲା । ସେ ଶ୍ୱାନଛୁଆକୁ ସ୍ପର୍ଶ କରି ହସ୍ତରେ ଧରିଲା । ତା' ବେକରେ ଝୁଲୁଥିବା ସ୍ଫଟିକ ମାଳିକୁ ସେ ଉତାରି ଶ୍ୱାନ ଗଳାରେ ପିନ୍ଧାଇ ଦେଲା । ସ୍ପନ୍ଦିତାର ଆସ୍ଫାଳନ ଦେଖି ମାଆ କ୍ରୋଧିତ ହୋଇଉଠିଲେ । ମାଆଙ୍କ କ୍ରୋଧ ଦେଖି ସ୍ପନ୍ଦିତାର ହୃଦ୍‌ସ୍ପନ୍ଦନ ବଢ଼ିବାକୁ ଲାଗିଲା ଏବଂ ସେ ଶ୍ୱାନ ଛୁଆଟିକୁ ତା' ମାଆ ପାଖରେ ଛାଡ଼ିଦେଲା । ମାଆ ଶ୍ୱାନ ଓ ଛୁଆମାନେ ପରସ୍ପର ଖୁସିରେ ଡେଇଁଲେ ।

ବୈକୁଣ୍ଠ ସମାନ ଆହା ଅଟେ ସେହି ଘର

ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।

## ତୁମ ପାଇଁ କାମ

**୧. ଲେଖ ଓ ପଢ଼ -**

ସ୍ + ପ = ______ ସ୍ + ଫ = ______

**୨. ସଜାଡ଼ି ଲେଖ -**

ଟିସ୍ଫକ, ଜ୍ୟାପୂସ୍ପଦ, ରପସ୍ପର, ଷ୍ଟସ୍ପବାଦୀ, ଲିସ୍ଫୁଙ୍ଗ, ସ୍ଫାଆଳନ, ହାବାସ୍ଫୋଟ

**୩. ଖାଲି ଜାଗା ପୂରଣ କର ।**

______ଟିକ ଆ______ଳନ ବାହା______ଟ

______ଲିଙ୍ଗ ସ୍ପ______ବାଦୀ ପର______ର

**୪. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -**

(କ) ସ୍ୱନ୍ଦିତା କ'ଣ ଧରିବାକୁ ଇଚ୍ଛା କରୁଥିଲା ?

(ଖ) ସ୍ୱନ୍ଦିତାର ଗୁଣ କିପରି ?

(ଗ) ସ୍ୱନ୍ଦିତା ଶ୍ୱାନ ଛୁଆକୁ କଅଣ ପିନ୍ଧାଇଲା ?

(ଘ) ସ୍ୱନ୍ଦିତାର ମାଆ କାହିଁକି କ୍ରୋଧିତ ହେଲେ ?

(ଙ) ସ୍ୱନ୍ଦିତାର ଡର କିପରି ଦୂର ହେଲା ?

**୫. ଶୂନ୍ୟସ୍ଥାନ ପୂରଣ କର -**

(କ) ସ୍ୱନ୍ଦିତା ଭାରି ______

(ଖ) ସ୍ୱନ୍ଦିତା ଛୁଆଟିକୁ ______ କରିବାକୁ ଡରେ ।

(ଗ) ସ୍ୱନ୍ଦିତାର ______ ଦେଖି ମାଆ କ୍ରୋଧିତ ହେଲେ ।

(ଘ) ମାଆଙ୍କର କ୍ରୋଧ ଦେଖି ସ୍ୱନ୍ଦିତାର ______ ବଢ଼ିଲା ।

# ଯୁଧିଷ୍ଠିରଙ୍କ ମାନବିକତା



ମହାଭାରତ ଯୁଦ୍ଧ ପରେ ଯୁଧିଷ୍ଠିର ହସ୍ତୀନାପୁରର ରାଜା ହେଲେ । ଅନ୍ୟାୟର ବିନାଶ ହୋଇ ନ୍ୟାୟର ବିଜୟ ହେଲା । ଶେଷରେ ସ୍ୱର୍ଗାରୋହଣର ସମୟ ଆସିଲା । ସମସ୍ତେ ହିମାଳୟ ପର୍ବତ ଚଢ଼ିବାକୁ ଲାଗିଲେ । ଜଣଜଣ କରି ସମସ୍ତଙ୍କର ପ୍ରାଣବାୟୁ ଉଡ଼ିଗଲା । କେବଳ ଉପରକୁ ଚଢ଼ି ଯାଉଥିଲେ ଯୁଧିଷ୍ଠିର ଓ ତାଙ୍କ ସଙ୍ଗରେ ରହିଥିଲା ଏକ ଧଳା ରଂଗର ଶ୍ୱାନ । ସେ ଶ୍ୱାନଟି ରାଜାଙ୍କ ପଛେ ପଛେ ଚାଲିଥାଏ । ରାଜା ଶେଷରେ ହିମାଳୟର ଉପର ଅଂଶରେ ପହଞ୍ଚି ଗଲେ । ସ୍ୱର୍ଗରୁ ରାଜା ଇନ୍ଦ୍ର ନିଜର ପୁଷ୍ପକ ବିମାନ ଧରି ଆସି ଉପସ୍ଥିତ ହେଲେ ।

ଦେବରାଜା ଇନ୍ଦ୍ର ଯେତେବେଳେ ଦେଖିଲେ ଯୁଧିଷ୍ଠିରଙ୍କ ସହିତ ଏକ ଶ୍ୱାନ ଅଛି, ସେ ଯୁଧିଷ୍ଠିରଙ୍କୁ ମନା କରି କହିଲେ- "ଯେଉଁ ଶ୍ୱାନକୁ ଛୁଇଁଲେ ଲୋକେ

ଗାଧୋଇ ଯାଆନ୍ତି, ଯେଉଁ ଶ୍ୱାନର ଛାଇ ପଡ଼ିଲେ ମଣିଷର ଆୟୁ ତୁଟିଯାଏ ବୋଲି କହନ୍ତି, ତାକୁ ଆପଣ ସାଙ୍ଗରେ ଧରିଲେ ଆପଣ ସ୍ୱର୍ଗକୁ ସ୍ୱଦେହରେ ଯାଇପାରିବେ ନାହିଁ ।" ଯୁଧିଷ୍ଠିର ଇନ୍ଦ୍ରଙ୍କ କଥା ଶୁଣି ଉତ୍ତର ଦେଲେ - "ଗୋଟି ଗୋଟି କରି ସମସ୍ତେ ମୋତେ ଏକୁଟିଆ କରି ଚାଲିଗଲେ, ହେଲେ ଏଇ ଶ୍ୱାନଟି ମୋ ସଙ୍ଗରେ ଏତେବାଟ ଆସିଲା, ତାକୁ ମୁଁ ଛାଡ଼ି ସ୍ୱର୍ଗ କିପରି ଯାଇପାରିବି ? ଯଦି ଶ୍ୱାନ ନ ଯାଏ, ତେବେ ମୁଁ ମଧ ସ୍ୱର୍ଗକୁ ଯିବି ନାହିଁ ।"

ଦେବରାଜ ଇନ୍ଦ୍ର ଯେତେ ବୁଝାଇଲେ ମଧ ଯୁଧିଷ୍ଠିର ବୁଝିଲେ ନାହିଁ । ଶ୍ୱାନଟିକୁ ସାଙ୍ଗରେ ନେବାକୁ ଜିଦ୍ ଧରିଲେ । ଶେଷରେ ସେହି ଶ୍ୱାନଟି କୁଆଡ଼େ ଉଭେଇ ଗଲା । ଇନ୍ଦ୍ର ହସି ହସି କହିଲେ ସେହି ଶ୍ୱାନଟି ହେଉଛି ସ୍ୱୟଂ ଧର୍ମଦେବତା । ଯୁଧିଷ୍ଠିରଙ୍କୁ ପରୀକ୍ଷା କରିବା ପାଇଁ ଶ୍ୱାନ ରୂପରେ ଯୁଧିଷ୍ଠିରଙ୍କ ପଛେ ପଛେ ହିମାଳୟର ଶୀର୍ଷ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିଥିଲେ । ଶେଷରେ ଯୁଧିଷ୍ଠିର ପୁଷ୍ପକ ବିମାନରେ ସ୍ୱର୍ଗକୁ ଗଲେ ।

ଏଠାରେ ଯୁଧିଷ୍ଠିରଙ୍କ ପଶୁମାନଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନର ପରିଚୟ ମିଳେ । ଯେଉଁ ଶ୍ୱାନକୁ ସମାଜରେ ସମସ୍ତେ ଘୃଣା କରନ୍ତି ତାକୁ ସେ ପୁଷ୍ପକ ବିମାନରେ ଧରି ସ୍ୱର୍ଗକୁ ଯିବାକୁ ପଛେଇ ନଥିଲେ । ଏମିତିକି ଯେତେବେଳେ ତାଙ୍କୁ ଇନ୍ଦ୍ର ପରୀକ୍ଷା କରି କହିଥିଲେ - ଶ୍ୱାନ ଧରିଲେ ସ୍ୱର୍ଗ ଯାଇହେବ ନାହିଁ, ତଥାପି ଯୁଧିଷ୍ଠିର ସ୍ୱର୍ଗଯିବା ମୋହ ପଛେ ଛାଡ଼ିଦେଲେ କିନ୍ତୁ ସାମାନ୍ୟ ଶ୍ୱାନକୁ ଛାଡ଼ିପାରି ନଥିଲେ ।

ମଣିଷ ମନରେ ସର୍ବଦା ଜୀବମାନଙ୍କ ପ୍ରତି ସ୍ନେହ ଓ ଦୟା ରହିବା ଦରକାର । ନିଜ ସ୍ୱାର୍ଥ ପାଇଁ ଜୀବଜନ୍ତୁଙ୍କୁ କ୍ଷତି କରିବା ଅମନୁଷ୍ୟତାର ପରିଚୟ ଦିଏ ।

# ଅଧିକ ଯୁକ୍ତାକ୍ଷର ଜାଣିବା

| | |
|---|---|
| କ୍+ଷ୍+ଣ=କ୍ଷ୍ଣ | ତୀକ୍ଷ୍ଣ । |
| କ୍+ଷ୍+ମ=କ୍ଷ୍ମ | ସୂକ୍ଷ୍ମ, ଲକ୍ଷ୍ମୀ, ଯକ୍ଷ୍ମା । |
| କ୍+ଷ୍+ଯ=କ୍ଷ୍ୟ | ଲକ୍ଷ୍ୟ, ସାକ୍ଷ୍ୟ, ଭକ୍ଷ୍ୟ । |
| ଙ୍+କ୍+ତ=ଙ୍କ୍ତ | ପଙ୍କ୍ତି । |
| ଙ୍+କ୍+ଷ=ଙ୍କ୍ଷ | ଆକାଙ୍କ୍ଷା । । |
| ଜ୍+ଜ୍+ବ=ଜ୍ଜ୍ୱ | ଉଜ୍ଜ୍ୱଳ । |
| ଣ୍+ଡ୍+ର=ଣ୍ଡ୍ର | ପୁଣ୍ଡ୍ର । |
| ତ୍+ତ୍+ବ=ତ୍ତ୍ୱ | ତତ୍ତ୍ୱ, ମହତ୍ତ୍ୱ, ସତ୍ତ୍ୱ । |
| ତ୍+ସ୍+ନ=ତ୍ସ୍ନ | ଜ୍ୟୋତ୍ସ୍ନା । |
| ତ୍+ସ୍+ଯ=ତ୍ସ୍ୟ | ମତ୍ସ୍ୟ । |
| ନ୍+ତ୍+ର=ନ୍ତ୍ର | ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ମନ୍ତ୍ରୀ । |
| ନ୍+ତ୍+ୱ=ନ୍ତ୍ୱ | ସାନ୍ତ୍ୱନା । |
| ନ୍+ଦ୍+ର=ନ୍ଦ୍ର | ଇନ୍ଦ୍ର, ଇନ୍ଦ୍ରିୟ, ଚନ୍ଦ୍ର । |
| ନ୍+ଦ୍+ବ=ନ୍ଦ୍ୱ | ଦ୍ୱନ୍ଦ୍ୱ । |
| ନ୍+ଧ୍+ର=ନ୍ଧ୍ର | ରନ୍ଧ୍ର । |
| ନ୍+ଧ୍+ଯ=ନ୍ଧ୍ୟ | ବିନ୍ଧ୍ୟ, ସନ୍ଧ୍ୟା, ବନ୍ଧ୍ୟା । |
| ନ୍+ନ୍+ଯ=ନ୍ନ୍ୟ | ସନ୍ନ୍ୟାସ, ସନ୍ନ୍ୟାସୀ । |
| ମ୍+ପ୍+ର=ମ୍ପ୍ର | ସମ୍ପ୍ରତି, ସମ୍ପ୍ରଦାନ । |
| ମ୍+ଭ୍+ର=ମ୍ଭ୍ର | ସମ୍ଭ୍ରମ, ସମ୍ଭ୍ରାନ୍ତ । |

| | |
|---|---|
| ର୍+ଚ୍+ଚ=ର୍ଚ୍ଚ | ଅର୍ଚ୍ଚନା, ଚର୍ଚ୍ଚା । |
| ର୍+ଚ୍+ଛ=ର୍ଚ୍ଛ | ମୂର୍ଚ୍ଛା, ମୂର୍ଚ୍ଛନା । |
| ର୍+ଣ୍+ଣ=ର୍ଣ୍ଣ | ପର୍ଣ୍ଣ, ସ୍ୱର୍ଣ୍ଣ, ପୂର୍ଣ୍ଣ, ଚୂର୍ଣ୍ଣ । |
| ର୍+ତ୍+ତ=ର୍ତ୍ତ | କର୍ତ୍ତନ, କୀର୍ତ୍ତୀ, ମୂର୍ତ୍ତି । |
| ର୍+ଦ୍+ଦ=ର୍ଦ୍ଦ | ଗର୍ଦ୍ଦଭ । |
| ର୍+ତ୍+ସ=ର୍ତ୍ସ | ଭର୍ତ୍ସନା । |
| ର୍+ଦ୍+ର=ର୍ଦ୍ର | ଆର୍ଦ୍ର । |
| ର୍+ଯ୍+ଯ=ର୍ଯ୍ୟ | କାର୍ଯ୍ୟ, ଧୈର୍ଯ୍ୟ, ସୂର୍ଯ୍ୟ । |
| ର୍+ଶ୍+ୱ=ର୍ଶ୍ୱ | ପାର୍ଶ୍ୱ, ପାରିପାର୍ଶ୍ୱିକ । |
| ଷ୍+କ୍+ର=ଷ୍କ୍ର | ନିଷ୍କ୍ରିୟ । |
| ଷ୍+ଟ୍+ର=ଷ୍ଟ୍ର | ଉଷ୍ଟ୍ର, ରାଷ୍ଟ୍ର । |
| ଷ୍+ପ୍+ର=ଷ୍ପ୍ର | ଦୁଷ୍ପ୍ରାପ୍ୟ, ନିଷ୍ପ୍ରୟୋଜନ । |
| ସ୍+ତ୍+ର=ସ୍ତ୍ର | ଅସ୍ତ୍ର, ଶସ୍ତ୍ର, ଶାସ୍ତ୍ର, ବସ୍ତ୍ର । |
| ସ୍+ଥ୍+ଯ=ସ୍ଥ୍ୟ | ସ୍ୱାସ୍ଥ୍ୟ, ଗାର୍ହସ୍ଥ୍ୟ । |
| ନ୍+ତ୍+ର୍+ଯ=ନ୍ତ୍ର୍ୟ | ସ୍ୱାତନ୍ତ୍ର୍ୟ, ପାରତନ୍ତ୍ର୍ୟ । |
| ର୍+ତ୍+ତ୍+ଯ=ର୍ତ୍ତ୍ୟ | ମର୍ତ୍ତ୍ୟ । |
| ର୍+ତ୍+ତ୍+ର=ର୍ତ୍ତ୍ର | କର୍ତ୍ତ୍ରା । |
| ର୍+ଦ୍+ଧ୍+ୱ=ର୍ଦ୍ଧ୍ୱ | ଊର୍ଦ୍ଧ୍ୱ । |